# ଓଡ଼ିଶା ରାଜ୍ୟ ସଡକ ପ୍ରକଳ୍ପ
# (ବିଶ୍ୱ ବ୍ୟାଙ୍କ ଋଣ ସହାୟତାରେ)

## ପ୍ରାଥମିକ ସାମାଜିକ ନିରୀକ୍ଷଣର କାର୍ଯ୍ୟକାରିଣୀ ସାରାଂଶ *
## (Executive Summary of the Social Screening Report)

### ପ୍ରକଳ୍ପ ପୃଷ୍ଠଭୂମି

୧. ଉପକ୍ରମ:- ରାସ୍ତା ଓ ରାଜପଥ ଗୁଡିକ ବିଭିନ୍ନ ବର୍ଗର ଜନବସତି ସଂଯୋଗ କରିଥାନ୍ତି। ସେ ଗୁଡିକ ଜନସାଧାରଣ ଓ ଜନବସତି ମଧ୍ୟରେ ସଂଯୋଗ ପଥ ରୁପେ କାର୍ଯ୍ୟ କରନ୍ତି, ସେଥିପାଇଁ ସ୍ଥାନ ଓ ଅର୍ଥନୀତିର ସମନ୍ୱିତ ବିକାଶ ପାଇଁ ରାସ୍ତା ଓ ରାଜପଥର ଉନ୍ନତି ଅପରିହାର୍ଯ୍ୟ ଅଟେ । ଓଡିଶା ସରକାର ରାଜ୍ୟରେ ପରିବହନ ବ୍ୟବସ୍ଥାର ବୃଦ୍ଧିର ଆବଶ୍ୟକ ତାକୁ ଉପଲବ୍ଧିକରି ରାଜ୍ୟ ରାଜପଥ ଗୁଡିକର ପର୍ଯ୍ୟାୟ ଭିତ୍ତିକ ବିକାଶ ପାଇଁ ସଂକଳ୍ପବଦ୍ଧ,। ରାଜ୍ୟର ମୁଖ୍ୟ ସଂଯୋଗ ପଥ ଗୁଡିକର ବିକାଶ ଓ ବୃଦ୍ଧି କାର୍ଯ୍ୟ ପୁର୍ତ୍ତବିଭାଗ ଓଡିଶା ଉପରେ ନ୍ୟସ୍ତ କରାଯାଇଛି। ବିଶ୍ୱ ବ୍ୟାଙ୍କର ଋଣ ସହାୟତାରେ ବିଭିନ୍ନ ରାଜ୍ୟ ରାଜପଥ ଓ ତା ସହିତ ପ୍ରଧାନ ଜିଲ୍ଲା ସଡକ ଗୁଡିକର ପ୍ରଶସ୍ତିକରଣ, ସୁଦୃଢୀକରଣ ଓ ରକ୍ଷଣା ବେକ୍ଷଣ କାର୍ଯ୍ୟ ବର୍ତ୍ତମାନ ରାଜ୍ୟର ପୂର୍ତ୍ତବିଭାଗର ଉନ୍ନୟନ ଯୋଜନା ଅଟେ । ସାମାଜିକ ସମୀକ୍ଷା ଏହି ଯୋଜନା ପରିକଳ୍ପନାର ଏକ ମୁଖ୍ୟ ଅଂଶ ଅଟେ।

୨. ଉଦ୍ଦେଶ୍ୟ ଓ ଉପାୟ:- ସମ୍ଭାବନା ସମୀକ୍ଷତା ସ୍ତରରେ ମୁଖ୍ୟ ସାମାଜିକ ସମସ୍ୟା ଗୁଡିକୁ ନିରୁପଣ କରିବା ସାମାଜିକ ସମୀକ୍ଷା ଅନ୍ତର୍ଭୁକ୍ତ ରାଜପଥ ଉନ୍ନୟନର ଏକ ସ୍ଥାୟୀ ଓ ସମାଜ -ପ୍ରାସଙ୍ଗିକ ରୂପାଙ୍କନ କରିବା, ଯଦ୍ୱାରା ସର୍ବନିମ୍ନ ବିସ୍ଥାପନ ହେବ ଓ ଯେଉଁଠାରେ ବିସ୍ଥାପନ ହେବ ସେଠାକାର ପ୍ରଭାବିତ ଲୋକଙ୍କୁ ନିଷ୍ପତ୍ତିମୁଳକ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା ଏବଂ ଏହି ଉଦ୍ଦେଶ୍ୟକୁ ସାକାର କରିବାପାଇଁ ସାମାଜିକ ସମୀକ୍ଷଣରୁ ମୁଖ୍ୟ ଲକ୍ଷ୍ୟ ଗୁଡିକ ଟର୍ମ ଅଫରି ଫେରେନ୍ସ ବା ଚୁକ୍ତି ସର୍ତ୍ତାବଳୀ ରୁ ଗ୍ରହଣ କରାଯାଇଅଛି।

  ୧. ଏହି ପ୍ରକଳ୍ପର ପର୍ଯାୟରେ ସାମାଜିକ ସମୀକ୍ଷାର ଉଦ୍ଦେଶ୍ୟ:- ଏକ ସାମାଜିକ, ଅର୍ଥନୈତିକ , ସାଂସ୍କୃତିକ, ରାଜନୈତିକ ଏବଂ ସାଂଗଠନିକ ଅନୁସଂଖ୍ୟାନ ଦ୍ୱାରା ପ୍ରଧାନ ସଡକ ଗୁଡିକର ପ୍ରସ୍ତାବିତ ଉନ୍ନୟନର ସାମ୍ଭାବ୍ୟ ସାମାଜିକ ପ୍ରଭାବ ଗୁଡିକୁ ଚିହ୍ନଟ କରିବା ।
  ୨. ପ୍ରସ୍ତାବିତ ସଡକରେ ପ୍ରମୁଖ ଭାଗୀଦାର ମାନଙ୍କୁ ଚିହ୍ନଟ କରିବା, ଏକ ସୁଚିନ୍ତିତ ପରାମର୍ଶ ରୂପରେଖ ପ୍ରସ୍ତୁତ କରିବା ଏବଂ ସୁଚନା ପ୍ରସାରଣ ପାଇଁ ଯୋଗାଯୋଗ କୌଶଳ ବାହର କରିବା । ପରାମର୍ଶ ପ୍ରଦାନକାରୀ ସଂସ୍ଥାର ଗଠନ କରି ପ୍ରସ୍ତାବିତ ରାସ୍ତା ଅଞ୍ଚଳରେ ଥିବା ବସତି ମାନଙ୍କରେ ପ୍ରକଳ୍ପ ବିଷୟରେ ବିସ୍ତୃତ ଭାବେ ପ୍ରଚାର ତଥା ପ୍ରସାର କରିବା ଏହାର ଅନ୍ୟ ଉଦ୍ଦେଶ୍ୟ ଏକ ଅଟେ ।
  ୩. ସାମାଜିକ ସମୀକ୍ଷାର ଫଳାଫଳ ଏହି ପ୍ରସ୍ତାବିତ ସଡକ ପ୍ରକଳ୍ପର କାର୍ଯ୍ୟକାରୀତା ତଥା ତାହାର ମାନନିରୁପଣ ସମୟରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥାଏ।
  ୪. ବିକଳ୍ପ ସଡକର ଚୟନ ପ୍ରସ୍ତାବିତ ପ୍ରକଳ୍ପର ପରୀକ୍ଷଣ ତଥା ରୁପାଙ୍କନ (ଡିଜାଇନ) ସମୟରେ ଏହି ସାମାଜିକ ସମୀକ୍ଷା ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥାଏ।

**ପ୍ରସ୍ତାବିତ ସଡକ ଉପରେ ବିଦ୍ୟମାନ ସମସ୍ତ ପ୍ରକାର ଗୃହ ଗୁଡିକର ଚିହ୍ନଟ କରାଯାଇସାରିଛି। ଗ୍ରାମ୍ୟ ସ୍ତରରେ ପରାମର୍ଶ ସଭା ଗୁଡିକ ମଧ ଡକାଯାଇ ପ୍ରସ୍ତାବ ଗ୍ରହଣ କରାଯାଇସାରିଛି। ପ୍ରକଳ୍ପସ୍ଥିତ ବସତିରେ ଜନସଂଖ୍ୟା ବିଷୟରେ ଉକ୍ତ ଜିଲ୍ଲାର ଜନଗଣନା ହ୍ୟାଣ୍ଡବୁକ୍ ରୁ ବିସ୍ତୃତ ବିବରଣୀ ପ୍ରାପ୍ତ ହୋଇ ସାରିଛି। ପ୍ରଥମ ଏବଂ ଦ୍ୱତୀୟ ବର୍ଷର ରାସ୍ତାଗୁଡିକ ପାଇଁ ବହୁମୁଖୀ ଗାଣିତିକ କୌଶଳ ଅବଲମ୍ବନ କରି କେଉଁ ରାସ୍ତାଟିକୁ ମାନଦଣ୍ଡ ହିସାବରେ ପ୍ରାଥମିକତା ଦିଆଯିବ ତାହାର ଚିହ୍ନଟ କରାଯାଇସାରିଛି। ପ୍ରାୟ ଦୁଇ ସହ ତିନୋଟି ଫୋକସ୍ ଗ୍ରୁପ ଡିସ୍କସନ (କେନ୍ଦ୍ରୀୟ ବିଚାର ସଭା) ସମ୍ଭାବ୍ୟ ପରୀକ୍ଷଣ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇସାରିଛି ଏବଂ ଏହି କେନ୍ଦ୍ରୟ ବିଚାର ସଭାର ପରାମର୍ଶ ତଥା ସିଦ୍ଧାନ୍ତ ଗୁଡିକ ସଡକ ଡିଜାଇନ୍ (ନକ୍ସା)ରେ ସଂଶ୍ଳିଷ୍ଟ କରାଯାଇଛି ପ୍ରସ୍ତାବିତ ସଡକ ପ୍ରକଳ୍ପରେ ସାମାଜିକ ପ୍ରଗତି ସମନ୍ଧରେ ଉପୁଜୁଥିବା ସମସ୍ତ ସମାସ୍ୟା ଗୁଡିକୁ ଚିହ୍ନଟ କରିବା ମଧ ଜରୁରୀ ଅଟେ।**

୩. **ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ପ୍ରକଳ୍ପ ତଦାରଖରେ ତଥା ପ୍ରକଳ୍ପ ସମାପ୍ତି ପରେ ତାର ଫଳାଫଳ ନିର୍ଣ୍ଣୟରେ ସମାଜିକ ସମୀକ୍ଷାର ତଥ୍ୟକୁ ଉପଯୋଗୀ କରାଉଥିବା**

୪. ପ୍ରକଳ୍ପ ରୂପାଙ୍କନର ସମ୍ଭାବନା ପରୀକ୍ଷଣ ତଥା ରୂପାଙ୍କନ ପର୍ଯ୍ୟାୟରେ ତଥ୍ୟ ଯୋଗାଇଥିବା ଯେପରିକି ବିକଳ୍ପ ସଡକପଥ ଚୟନ କରିବା ପଥ ସହଜ ହୋଇପାରିବ।

୫. ସଡକ ବ୍ୟବହାରକାରୀଙ୍କ ମଧ୍ୟରେ ପ୍ରଧାନତଃ ଅଧିକ ସମ୍ବେଦନଶୀଳ ଗୋଷ୍ଠି ଟ୍ରକଚାଳକ ଓ ରାସ୍ତାପାଶ୍ୱବର୍ତ୍ତୀ ଜନବସତି ଗୁଡିକ ମଧ୍ୟରେ ଏଚ୍.ଆ.ଭି. ଓ ଏଡସ୍ ସଂପର୍କୀୟ ମୁଖ୍ୟ ସାମାଜିକ ଓ ଅର୍ଥନୈତିକ ସମସ୍ୟା ଗୁଡିକୁ ଚିହ୍ନଟ କରିବା ଏବଂ ଏ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ସହିତ ଏହି ରୋଗର ନିରାକରଣ ପାଇଁ ଯତ୍ନବାନ ହେବା।

୬. ଅନୁସୁଚିତ ଜାତି ଓ ଆଦିବାସୀ ବହୁଳ ଅଞ୍ଚଳ ଗୁଡିକରେ ସଡକର ଉନ୍ନତି କରଣ ଜଡିତ ମୁଖ୍ୟ ସାମାଜିକ ଓ ସାଂସ୍କୃତିକ ସମସ୍ୟା ଗୁଡିକୁ ଅନୁଧ୍ୟାନ କରିବା ଏବଂ ଅଦିବାସୀମାନଙ୍କ ଉନ୍ନତି ପାଇଁ ଆଧାର କୌଶଳ କାର୍ଯସୁଚୀ ପ୍ରସ୍ତୁତ କରିବା ଏହି ସାମାଜିକ ସମୀକ୍ଷାର ଉଦ୍ଦେଶ୍ୟ ଅଟେ।

୭. ଉପରଲିଖିତ ଉଦ୍ଦେଶ୍ୟ ଗୁଡିକର ଲକ୍ଷପୁରଣ ନିମନ୍ତେ ପ୍ରାଥମିକ ଓ ମାଧମିକ ସ୍ତରରେ ତଥ୍ୟ ସଂଗ୍ରହ କରାଯାଇଛି। ଜିଲ୍ଲା ଜନଗଣନା ପୁସ୍ତିକାରୁ ସ୍ଥାନୀୟଜନଗଣନା ତଥ୍ୟ ସଂଗ୍ରହ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ବର୍ଷରେ ଯେଉଁ ରାସ୍ତା ଗୁଡିକ ନିଆଯିବ ସେଗୁଡିକର ଉନ୍ନତି ତଥା ସେଗୁଡିକର ପ୍ରାଥମିକି-କରଣ ପାଇଁ ଗାଣିତିକ ହିସାବ ଓ ଶ୍ରେଣୀ ଭୂକ୍ତ କରିବା ଆଦି କୌଶଳ ଅବଲମ୍ବନ କରାଯାଇଛି। ସମ୍ଭାବନା ପରୀକ୍ଷଣ ପର୍ଯ୍ୟାୟରେ ପ୍ରାୟ ୨୦୩ଟି ବିଚାରବିମର୍ସ ଓ କେନ୍ଦ୍ରୀୟ ସମୁହ ଆଲୋଚନା କରାଯାଇଛି। ଏବଂ ଏହାର ସିଦ୍ଧାନ୍ତକୁ ସଡକ ରୁପାଙ୍କନରେ ସଂଶ୍ଳିଷ୍ଟ କରାଯାଇଛି।

୦.୩. ବିଚାର ବିମର୍ଶର କୌଶଳ:-

୧. ସମ୍ଭାବନାପରୀକ୍ଷଣ ପର୍ଯ୍ୟାୟରେ ପ୍ରକଳ୍ପ ଅଞ୍ଚଳର ଅବସ୍ଥିତ ସାହିପଲ୍ଲୀ ଗାଁ ଓ ପଞ୍ଚାୟତ ସ୍ତରରେ ବିଚାର ସଭା ସମୁହ ଡକାଯାଇ ଆଲୋଚନା କରାଯାଇଥିଲା। ପ୍ରକଳ୍ପ ଅଞ୍ଚଲରେ ସର୍ବସାଧାରଣଙ୍କ ବିଚାର ବିମର୍ଷ ପାଇଁ ନିମ୍ନଲିଖିତ ପ୍ରଣାଳୀ ଅବଲମ୍ବନ କରାଯାଇଛି। ପ୍ରକଳ୍ପ ସମ୍ବନ୍ଧୀୟ ସୁଚନା ପ୍ରସାରଣ ଏବଂ ସର୍ବସାଧାରଣ ବିଚାର ବିମର୍ଷ ସଭାଗୁଡିକରେ ଯୋଗଦେବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିବା ଇତ୍ୟାଦି ଏହି ଉଦ୍ୟମର ଅନ୍ତର୍ଗତ ଅଟେ।

୨. ପ୍ରକଳ୍ପ ପ୍ରଭାବିତ ଲୋକଙ୍କର ମତ ଓ ଅଭିରୁଚି ଗୁଡିକୁ ଶୁଣିବା।

୩. ନିଷ୍ପତ୍ତି ମୂଳକ ପ୍ରକିୟା ଯେପରିକି ବାଇପାସ (ପାର୍ଶ୍ୱପଥ) ବା ରାସ୍ତାର ପୁନଃ ପଥଚୟନ ଓ ସର୍ବସାଧାରଣଙ୍କ ପାଇଁ ଆବଶ୍ୟକୀୟ ସୁବିଧା, ଉପଲବ୍ଧ କରିବା ତଥା ଗୋଷ୍ଠୀ ଭିତିଭୁମି ଇତ୍ୟାଦିରେ ପ୍ରଭାବିତ ଲୋକଙ୍କୁ ସାମିଲ କରାଇବା।

୪. କଳାପଟାରେ ଚିତ୍ରାତ୍ମକ ଶୈଳୀରେ ପ୍ରକଳ୍ପପ୍ରଭାବିତ ଲୋକଙ୍କୁ ଶିକ୍ଷା ଦେଇ ସୁଚନା ପ୍ରସାରଣ କରିବା ତଥା ରାସ୍ତାର ନକସାକୁ କଳାପଟା ମାଧମରେ ଲୋକମାନଙ୍କୁ ବୁଝାଇବା।

ପ୍ରକଳ୍ପ ପ୍ରସ୍ତୁତି ସମୟରେ ବିଭିନ୍ନ କୌଶଳ ମାଧମରେ ଷ୍ଟେକ୍ ହୋଲଡର (ଭାଗୀଦାର) ମାନଙ୍କ ସହିତ ପରାମର୍ଶ କରାଯାଇଥିଲା।

ଯଥା:- ସାମାଜିକ ତଥା ଅର୍ଥନୈତିକ ସ୍ତରୀୟ ସାକ୍ଷାତକାରର ସମୁହ ଆଲୋଚନା ଏବଂ ବିଶେଷ କରି ଦୁର୍ବଳ ଶ୍ରେଣୀର ଲୋକ ଯଥା ଅନୁସୁଚିତ ଜନଜାତି ମହିଳାଗୋଷ୍ଠି ଆଦିଙ୍କ ସହ ବିଚାର ବିମର୍ଷ କରାଯାଇଥିଲା ପ୍ରକଳ୍ପ ପ୍ରସ୍ତୁତି ପର୍ଯ୍ୟାୟରେ ମୁଖ୍ୟ ସୁଚନାକାରୀ ଭାବରେ ଉଭୟ ବ୍ୟକ୍ତି ଓ ଗୋଷ୍ଠିଙ୍କୁ ସାମିଲ କରାଯାଇଥିଲା ଯଥା-

- ସମ୍ଭାବ୍ୟ ପ୍ରଭାବିତ ପରିବାରର ମୁଖ୍ୟ ଓ ଅନ୍ୟ ସଦସ୍ୟ ମାନେ ।
- ପ୍ରଭାବିତ ଲୋକ ସମୁହ।
- ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ଅନ୍ୟାନ୍ୟ ସଭ୍ୟ।
- ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ।
- ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତିର ପ୍ରତିନିଧିଗଣ।
- ପ୍ରକଳ୍ପର ଅନ୍ୟ ଭାଗୀଦାର ଗୋଷ୍ଠୀ ବିଶେଷତଃ ଦୁର୍ବଳ ଶ୍ରେଣୀ ଯଥା- ଆଦିବାସୀ ମହିଳାଗୋଷ୍ଠି ଓ ପ୍ରଭାବିତ ଜନସାଧାରଣ ମୁଖ୍ୟ ସ୍ଥାନଗୁଡିକରେ ସମାଜର ସମସ୍ତ ବର୍ଗର ଲୋକଙ୍କ ଯଥା:- କ୍ଷୁଦ୍ରବ୍ୟବସାୟୀ ସଂଘ, ଅସ୍ଥାୟୀ ଦଖଲକାରୀ ଏବଂ ଅନ୍ୟାନ୍ୟ ଇଚ୍ଛୁକ ବ୍ୟକ୍ତିଙ୍କ ସହ ବିସ୍ତୃତ ଆଲୋଚନା ମାଧମରେ ଏକ ସର୍ବସାଧାରଣ ବିଚାର ସଭା ଅନୁଷ୍ଠିତ ହୋଇଥିଲା ଏବଂ ଏଥିପାଇଁ ବିଭିନ୍ନ ସାମାଜିକ ଅଭିବୃଦ୍ଧି ଜନୀତ କୌଶଳ ଗୁଡିକୁ ପ୍ରସ୍ତାବ ମାଧମରେ ଗ୍ରହଣ କରାଯାଇଥିଲା।

ସାରଣୀ –୧- ସର୍ବସାଧାରଣ ବିଚାର ବିମର୍ଷ ଓ କେନ୍ଦ୍ରୀୟ –ସମୁହ ଆଲୋଚନାର ଫଳାଫଳ:- (ବରହମପୁର- ରାୟଗଡା ସେକ୍ସନ)

| କ୍ରମିକ ନଂ | ମାଇଲ ଖୁଣ୍ଟ ଦୁରତ୍ୱ | ଗାଁ ର ନାମ ସଭା ତାରିଖ | ସଭାର ଉପସ୍ଥିତ ଭାଗୀଦାରୀଙ୍କର ମୁଖ୍ୟ ପ୍ରସ୍ତାବ ଗୁଡିକ |
|---|---|---|---|
| ୧ | ରାଜପଥ-୧୬ କି.ମି. ୮/୯ | ଇନ୍ଦିରା ଆବାସ କଲୋନୀ | • ବାସଭୁମି ଜମି ବଦଳରେ ବାସଭୁମି ପ୍ରଦାନ କରିବା କିମ୍ବା ପର୍ଯ୍ୟାପ୍ତ କ୍ଷତିପୁରଣ ଦେବା ଉଚିତ ।<br>• ଗାଁ ରେ ନଳକୁପର ବ୍ୟବସ୍ଥା କରାଯିବା ଉଚିତ ।<br>• ଗାଁରେ ସର୍ବସାଧାରଣ ଶୌଚାଳୟ ବ୍ୟବସ୍ଥା କରାଯିବା ଉଚିତ ।<br>• ପୁରୁଷ ଓ ମହିଳା ମାନଙ୍କ ପାଇଁ ଯୋଗଇଦେବା ସରକାରୀ ଉଦ୍ୟମରେ ହେଉଥିବା ଦରକାର ।<br>• ଛୋଟପିଲାମାନେ ରାସ୍ତାପାର କରିବା ପାଇଁ ଓଭରବ୍ରିଜ (ଉର୍ଦ୍ଧସେତୁ) ନିର୍ମାଣ କରିବା ଉଚିତ । |
| ୨ | ରାଜପଥ-୧୬ କି.ମି. ୦/୭୦୦ | ପ୍ରଥମ ଫାଟକ ବରହମପୁର (୦/୦୦୦-୨୪/୦୧) | • ବ୍ୟବସାୟିକ ଗୃହର କ୍ଷତିପୁରଣ ବିବାଦରେ ଜମି ଯୋଗାଇଦେବା ଆବଶ୍ୟକ ।<br>• ରାସ୍ତା ପାର୍ଶ୍ୱରେ ନିଷ୍କାସନ ବ୍ୟବସ୍ଥା କରାଯିବା ଉଚିତ ।<br>• ବ୍ୟବସାୟିକ ଗୃହ ଓ ବାସଭୁମି ହରାଇଥିବା ବ୍ୟକ୍ତିଙ୍କ ସକାଶେ ବହୁସମସ୍ୟା ସୃଷ୍ଟିର କାରଣ ହୋଇପାରେ । |
| ୩ | ରାଜପଥ-୧୬ କି.ମି. ୧୩/୧୪ | ନାରାୟଣପୁର(୨୮/୧) | • ବ୍ୟାବସାୟିକ ଗୃହ ଓ ବାସଭୁମି ହରାଇଥିବା ଲୋକଙ୍କ ପାଇଁ ଅନେକ ଅସୁବିଧାର କାରଣ ହେବ ।<br>• ବାସଭୁମି ଜମି ବଦଳରେ ବାସଭୁମି ଜମି ବା ପର୍ଯ୍ୟାପ୍ତ କ୍ଷତିପୁରଣ ଦେବା ଉଚିତ ।<br>• ପ୍ରଭାବିତ ଲୋକଙ୍କୁ ବ୍ୟବସାୟର ସୁଯୋଗ ଯୋଗାଇଦେବା ଉଚିତ । |
| ୪ | ରାଜପଥ-୧୬ କି.ମି. ୧୫/୧୬ | ଗଣିଆନାଳ (୨୩) | • ବ୍ୟବସାୟିକ ଅଟ୍ଟାଳିକା କ୍ଷତିପୁରଣ ବାବଦରେ ଅନ୍ୟ ଏକ ବ୍ୟବସାୟିକ ଗୃହ ଯୋଗାଇଦେବା ଆବଶ୍ୟକ । |
| ୫ | ରାଜପଥ-୧୬ କି.ମି. ୩/୪ | ଦକ୍ଷିଣପୁର (୨୩.୧) | • ପ୍ରଭାବିତ ଲୋକଙ୍କୁ ବ୍ୟବସାୟର ସୁଯୋଗ ଯୋଗାଇଦେବା ।<br>• ରାସ୍ତା ପାର୍ଶ୍ୱରେ ନିଷ୍କାସନ ବ୍ୟବସ୍ଥା କରାଯିବା ଉଚିତ ।<br>• ଚିକିତ୍ସାର ସୁବିଧା ଯୋଗାଇଦେବା ଆବଶ୍ୟକ ।<br>• ଗାଁ ରେ ସର୍ବସାଧାରଣ ଶୌଚାଳୟ ବ୍ୟବସ୍ଥା କରାଯିବା ଉଚିତ । |
| ୬. | ରାଜପଥ-୧୬ କି.ମି. ୪/୫ | ଲଞ୍ଜିଆ (୨୭/୧) | • ଏହି ଅଞ୍ଚଳରେ ଏକ ଉଚ୍ଚମାଧମିକ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଯିବା ଉଚିତ ।<br>• ସଡକ ନିର୍ମାଣ ଯୋଗୁଁ ପାରିପାର୍ଶ୍ୱିକ ସଂକଟ ବହୁଗୁଣିତ ହେବ । |

| | | | |
|---|---|---|---|
| | | | • ମ୍ୟାଲେରିଆ ସମସ୍ୟାର ସମାଧାନ ପନ୍ଥା ବାହାର କରିବା ଦରକାର।<br>• ରାସ୍ତା ଗୁଡିକ ଗାଁ ଭିତରେ ନଯିବା ଉଚିତ। |
| ୭ | ରାଜପଥ-୧୭ କି.ମି. ୭/୮ | ପଦରବାଲି (୨୮/୧) | • ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ ସୁବିଧାର ମାନ ଅତି ଅବହେଳିତ ଅବସ୍ଥାରେ ଅଛି।<br>• ଏହି ଅଞ୍ଚଳର ପିଇବା ପାଣି ସମସ୍ୟା ଦୁର୍ବିସହ /ଉଲ୍‌ଟ ଅଟେ।<br>• ଏହି ଅଞ୍ଚଳରେ ଗୋଟିଏ ହେଲେ ଉଚ୍ଚ ବାଳକ/ବାଳିକା ବିଦ୍ୟାଳୟ ନାହିଁ<br>• ଗୋଟିଏ ଊର୍ଦ୍ଧ୍ୱସେତୁ (ଓଭର ବ୍ରିଜ) ନିର୍ମାଣ କରାଯିବା ଉଚିତ । |
| ୮ | ରାଜପଥ-୧୭ କି.ମି. ୧୮/୧୯ | ଗୋକର୍ଣ୍ଣପୁର (୩୦.୧) | • ଶୌଚାଳୟର ବ୍ୟବସ୍ଥା କରାଯିବା ଉଚିତ।<br>• ଘରବାଡି ଭୂମି ବାବଦକୁ ଘରବାଡି ଭୂମି କ୍ଷତିପୂରଣ ଆକାରରେ ନତୁବା ସମ ପରିମାଣର ପର୍ଯ୍ୟାପ୍ତ କ୍ଷତିପୁରଣ ଦେବା ଉଚିତ।<br>• ଚିକିତ୍ସା ସୁବିଧା, ସରକାରଙ୍କ ଦ୍ୱାରା ଦିଆଯିବା ଉଚିତ।<br>• ମୁଖ୍ୟ ରାସ୍ତାର ପାର୍ଶ୍ୱରେ ଅନ୍ୟ ଏକ ରାସ୍ତା ଶଗଡ ଗାଡି ନିମିତ୍ତ ନିର୍ମାଣ କରାଯିବା ଉଚିତ। |
| ୯ | ରାଜପଥ-୧୭ କି.ମି. ୨୩/୨୪ | ଦିଗପହଣ୍ଡି | • ଗୋଟିଏ ବିଶ୍ରାମ ଗୃହ ତିଆରି ହେବା ଉଚିତ, ଘରବାଡି ଭୂମି ବାବଦକୁ ଘରବାଡି ଭୂମି ନତୁବା ସମପରିମାଣର ପର୍ଯ୍ୟାପ୍ତ କ୍ଷତିପୁରଣ ଦେବା ଉଚିତ। |

ସାରଣୀ – ୨ :- ସର୍ବସାଧାରଣ ବିଚାରବିମର୍ଷ ଓ କେନ୍ଦ୍ରୀୟ ସମୂହ ଆଲୋଚନା
ଫଳାଫଳ:- ( ଦଶପଲ୍ଲା-ବଅଁର ପାଲ ସେକ୍ସନ)

| କ୍ରମିକ ନଂ | ମାଇଲ ଖୁଣ୍ଟ ଦୁରତ୍ୱ | ଗାଁ ର ନାମ ସଭା ତାରିଖ | ସଭାର ଉପସ୍ଥିତ ଭାଗୀଦାରୀଙ୍କର ମୁଖ୍ୟ ପ୍ରସ୍ତାବ ଗୁଡିକ |
|---|---|---|---|
| ୧ | ରାଜପଥ-୧୮ କି.ମି. ୦/୦୦ | ଦଶପଲ୍ଲା | (ଏହି କେନ୍ଦ୍ରୀୟ ସମୂହ ଆଲୋଚନାରେ ସ୍ଥାନୀୟ ବିଧାୟକ ଉପସ୍ଥିତ ଥିଲେ ।)<br>• ଆବଶ୍ୟକତାକୁ ନେଇ ଏଇ ଅଞ୍ଚଳରେ ରାସ୍ତା ଗୁଡିକ ନିର୍ମାଣ ପ୍ରଶସ୍ତିକରଣ କିମ୍ବା ଦୃଢ଼ିକରଣ କରାଯିବା ଉଚିତ ।<br>• ଏହି ଅଞ୍ଚଳରେ କ୍ଷତିପୁରଣ ବାବଦକୁ ଗୋଟିଏ ବ୍ୟବସାୟିକ ଗୃହ ନିର୍ମାଣ କରେଇବା ଦରକାର ।<br>• ପ୍ରଭାବିତ ବ୍ୟବସାୟୀଙ୍କୁ ଅନ୍ୟ କର୍ମନିଯୁକ୍ତିର ସୁଯୋଗ ଦିଆଯିବା ଉଚିତ ।<br>• ରାସ୍ତା ପାର୍ଶ୍ୱରେ ସର୍ବସାଧାରଣ ଶୌଚାଳୟର ନିର୍ମାଣ ହେବା ଉଚିତ ।<br>• ସରକାର ଏଚ୍.ଆଇ.ଭି ଏବଂ ଏଡ୍ସ ବିଷୟରେ ସଚେତନତା ପର୍ଯ୍ୟାପ୍ତ ପରିମାଣରେ ପ୍ରଚାର କରିବା ଉଚିତ ।<br>• ସର୍ବସାଧାରଣଙ୍କୁ ଯାତାୟତ ନିୟମ ବିଷୟରେ ସରକାର ପ୍ରଶିକ୍ଷଣ ଦେବା ଉଚିତ ।<br>• ରାସ୍ତାରେ ଆଲୋକବର୍ତ୍ତିକା ରହିବା ଉଚିତ । |
| ୨ | ରାଜପଥ-୧୮ କି.ମି.୨୩/୦ | ଗଣିଆ(୧୩.୩) | • ରାସ୍ତା ଖଣ୍ଡପାଇଁ ପାର୍ଶ୍ୱପଥ (ବାଇପାସ) ନିତାନ୍ତ ଦରକାର ।<br>• ରାସ୍ତା ନିର୍ମାଣର୍ଥେ ମନ୍ଦିର ବ୍ୟବସାୟିକ ସ୍ଥଳି ନଳକୂପ ଗୁଡିକ ନଷ୍ଟ କରିବା ଉଚିତ ନୁହେଁ ।<br>• ପାର୍ଶ୍ୱପଥ ଦେଇ ଗୋଟିଏ ପକ୍କା ନାଳ ନିର୍ମାଣ ହେବା ଉଚିତ । |
| ୩ | ରାଜପଥ-୧୮ କି.ମି.୬/୦୦ ଗଣିଆ - ସିଦ୍ଧିମୁଳା | କିଶୋର ପ୍ରସାଦ (୧୩.୩) | • ବାସଭୁମି ଜମି ବଦଳରେ ବାସଭୁମି କ୍ଷତି ପୁରଣ ବାବଦରେ ଦେବା ଉଚିତ ।<br>• ଏହି ଅଞ୍ଚଳର ପାଣି ସମସ୍ୟା ସମାଧାନ କରିବା ସରକାରଙ୍କର ଲକ୍ଷ୍ୟ ରହିବା ଦରକାର ।<br>• ମନ୍ଦିର ପରିବର୍ତ୍ତେ ମନ୍ଦିର ହେବା ଉଚିତ । |
| ୪ | ରାଜପଥ-୧୮ କି.ମି.୨/୦୦ ବାଗଧରିଆ ରାସ୍ତା | ଜଳପେଇ (୧୯.୩) | • ପାର୍ଶ୍ୱପଥ ତିଆରିହେବା ଉଚିତ ।<br>• ପାଣି ସମସ୍ୟାର, ସମାଧାନ ପାଇଁ ସରକାରଙ୍କ ତରଫରୁ ଚେଷ୍ଟା କରାଯିବା ଉଚିତ୍ ।<br>• ସ୍କୁଲ, ଭୁମି, ନଳକୁପ ଗୁଡିକ ଯଦି ନଷ୍ଟ ହେଲା ପୁନଃ ନିର୍ମାଣ ହେବା ଉଚିତ ।<br>• ସମସ୍ତ ନଷ୍ଟ ଜିନିଷ ପାଇଁ କ୍ଷତିପୁରଣ ଦିଆଯିବା ଉଚିତ । |
| ୫ | ରାଜପଥ-୧୯ ଏ କି.ମି.୪/୦୦ | ଭାଉଁଶ ପୋଖରୀ (୧୯.୩) | • ଆବଶ୍ୟକ ମୁତାବକ ରାସ୍ତା ଗୁଡିକ ନିର୍ମାଣ , ପ୍ରଶସ୍ତି କରଣ କିମ୍ବା ଦୃଢ଼ିକରଣ ହେବା ଉଚିତ ।<br>• ସମସ୍ତ ନଷ୍ଟ ଜିନିଷ ପାଇଁ କ୍ଷତିପୁରଣ ଦିଆଯିବା ଉଚିତ । |

| | | | |
|---|---|---|---|
| | ହିନ୍ଦୋଳ ରୁ ବଅଁରପାଳ | | • ପ୍ରଭାବିତ ଲୋକମାନଙ୍କୁ ଅନ୍ୟାନ୍ୟ ବ୍ୟବସାୟିକ ସୁବିଧା ସୁଯୋଗ ଦିଆଯିବା ଉଚିତ ।<br>• ପ୍ରଭାବିତ ଲୋକମାନଙ୍କୁ ଗୋଟିଏ ସ୍ଥାନରେ ବସତି ସ୍ଥାପନ ପାଇଁ ଜମି ଯୋଗାଇ ଦିଆଯାଉ । |
| ୬ | ରାଜପଥ-୧୯ ଏ କି.ମି.୭/୫୦୦ ହିନ୍ଦୋଳ ରୁ ବଅଁର ପାଳ | କର୍ଣ୍ଣପୁର (୧୯.୩) | • ଯଦି ରାସ୍ତା ଗୁଡିକ ନିର୍ମାଣ ହୁଏ ତାହେଲେ ଯାତାୟାତ ଖୁବ ସହଜ ହୋଇଯିବ।<br>• ନଳକୁପ ଗୁଡିକର ପୁନଃ ନର୍ମାଣ ପରିବର୍ତ୍ତେ ଆର୍ଥିକ କ୍ଷତିପୁରଣ ଦିଆଯିବା ଉଚିତ।<br>• ଜଳ ନିଷ୍କାସନ ସୁବିଧା ରହିବା ଉଚିତ।<br>• ବ୍ୟବସାୟିକ ସୁବିଧା ସୁଯୋଗ ଏବଂ ବିଶେଷ କରି ମହିଳା ମାନଙ୍କ ପାଇଁ କର୍ମନିଯୁକ୍ତର ସୁଯୋଗ ସୃଷ୍ଟି ହେବା ଉଚିତ। |
| ୭ | ରାଜପଥ-୧୯ ଏ କି.ମି.୧୧/୦୦ ହିନ୍ଦୋଳ ରୁ ବଅଁର ପାଳ | ସେରନାବେଡା (୨୦.୩) | • ଯଦି ରାସ୍ତାଗୁଡିକ ନିର୍ମାଣ ହୁଏ ତାହେଲେ ଯାତାୟାତ ଖୁବ ସହଜ ହୋଇଯିବ।<br>• କ୍ଷତିପୁରଣ ଅର୍ଥ କିମ୍ବା ଜିନିଷ ଆକାରରେ ନଳକୁପ ଜମି ଘର ଇତ୍ୟାଦି ଦିଆଯିବା ଉଚିତ।<br>• ପ୍ରଭାବିତ ଲୋକମାନଙ୍କ ପାଇଁ କର୍ମ ନିଯୁକ୍ତିର ସୁଯୋଗ ଅନ୍ୱେଷଣ ହେବା ଉଚିତ।<br>• ନିର୍ଦ୍ଧିଷ୍ଟ ଭାବେ ସ୍ତ୍ରୀ ଲୋକମାନଙ୍କ ସକାଶେ କର୍ମ ନିଯୁକ୍ତିପାଇଁ ବିବେଚନା ହେବା ଉଚିତ। |
| ୮ | | କେରଡା ପଡା | • କ୍ଷତିପୁରଣ ପାଇଁ ଅର୍ଥ କିମ୍ବା ଅନ୍ୟ ପ୍ରକାର ବ୍ୟବସାୟିକ ସୁଯୋଗ ଦିଆଯିବା ଦରକାର।<br>• ପାନୀୟ ଜଳର ସୁବିଧା ଦିଆଯିବା ଉଚିତ।<br>• ଗାଁରେ ମନ୍ଦିର ନିର୍ମାଣ ହେବା ଉଚିତ । |

ସାରଣୀ –୩ :- ସର୍ବସାଧାରଣ ବିଚାରବିମର୍ଷ ଓ କେନ୍ଦ୍ରୀୟ ସମୁହ ଆଲୋଚନା
ଫଳାଫଳ:- ( ଭଦ୍ରକ -ଯଶିପୁର ସେକ୍ସନ)

| କ୍ରମିକ ନଂ | ମାଇଲ ଖୁଣ୍ଟ ଦୁରତ୍ୱ | ଗାଁ ର ନାମ ସଭା ତାରିଖ | ସଭାର ଉପସ୍ଥିତ ଭାଗୀଦାରୀଙ୍କର ମୁଖ୍ୟ ପ୍ରସ୍ତାବ ଗୁଡିକ |
|---|---|---|---|
| ୧ | ରାଜପଥ- ୫୩ କି.ମି. ୦/୦୦ ଭଦ୍ରକ - ଯଶିପୁର | ଦଶପଲ୍ଲା | • ଏହି ଅଞ୍ଚଳରେ ରାସ୍ତା ଗୁଡିକର ନିର୍ମାଣ ଦ୍ୱାରା ଆୟ ବଢ଼ିଯିବ।<br>• ବ୍ୟବସାୟିକ ସ୍ଥଳୀ ଗୁଡିକର ଠିକ ଥଇ ଥାନ ଏବଂ ପ୍ରଭାବିତ ଲୋକମାନଙ୍କର ପୂର୍ଣ୍ଣ କ୍ଷତିପୁରଣ ଗ୍ରହଣ ପରେ ରାସ୍ତାକାମ ଆରମ୍ଭ ହେବା ଉଚିତ । |
| ୨ | ରାଜପଥ- ୫୩ କି.ମି. ୨/୦୦ ଭଦ୍ରକ - ଯଶିପୁର | ଖରିଆର | • ରାସ୍ତା ଗୁଡିକର ନିର୍ମାଣ ଦ୍ୱାରା ବ୍ୟବସାୟର ସୁଯୋଗ ବଢ଼ିଯିବ।<br>• ବ୍ୟବସାୟିକ ଅଟ୍ଟାଳିକା/ଗୃହ ଆଦି ହରାଇଥିବା ଲୋକମାନଙ୍କୁ କ୍ଷତିପୁରଣ ଦିଆଯିବା ଉଚିତ। |
| ୩ | ରାଜପଥ- ୫୩ କି.ମି. ୧୨/୦୦ ଭଦ୍ରକ - ଯଶିପୁର | ଗଣିଜଙ୍ଗ | • ଏଇ ଗାଁ ରେ ଗୋଟିଏ ବ୍ୟବସାୟିକ ଗୃହର ଆବଶ୍ୟକତା ଅଛି।<br>• ପ୍ରକଳ୍ପ କାର୍ଯ୍ୟ ଯୋଗଁ ମନ୍ଦିର ଭଗ୍ନ କରାନଯିବା ଉଚିତ ।<br>• ସମସ୍ତ ପ୍ରଭାବିତ ଲୋକମାନେ ପର୍ଯ୍ୟାପ୍ତ କ୍ଷତିପୁରଣ ପାଇବା ଉଚିତ।<br>• ଗାଁ ଲୋକମାନଙ୍କୁ ନିଷ୍କାସନ ଏବଂ ନଳକୂପର ସୁବିଧା ଦିଆଯିବା ଉଚିତ। |
| ୪ | ରାଜପଥ- ୫୩ କି.ମି. ୧୩/୮୮୦ ଭଦ୍ରକ - ଯଶିପୁର | ଛୁଆଳସିଂଙ୍ଗ (୧୯.୨) | • ପ୍ରସ୍ତାବିତ ବର୍ଦ୍ଧିତ ପାର୍ଶ୍ୱ ଦେଇ କୌଣସି ରାସ୍ତା ନାହିଁ ତେଣୁ ପ୍ରକଳ୍ପ ଜନୀତ କୌଣସି ବିପଦ ଗାଁ ଲୋକ ମାନଙ୍କ ପାଇଁ ନାହିଁ।<br>• ସରକାରଙ୍କ ନୀତି ଏବଂ ନିୟମ କୁ ବିରୋଧ କରାଯିବ ନାହିଁ କିନ୍ତୁ ପ୍ରଭାବିତ ଲୋକମାନେ ବାସଭୂମି ପାଇଁ ପର୍ଯ୍ୟାପ୍ତ ଜମି କ୍ଷତିପୁରଣ ପାଇବା ଉଚିତ।<br>• ବ୍ୟବସାୟିକ ଗୃହ ନିର୍ମାଣ ଏକ ସାଧାରଣ ସ୍ଥାନରେ ଜମିରେ ହେବା ଉଚିତ।<br>• ନଳକୂପ ମନ୍ଦିର ଏବଂ ବିଶ୍ରାମ ଗୃହ ଗୁଡିକ ଯଦି ନଷ୍ଟ ହୁଏ ତାହେଲେ ପୁନଃ ନିର୍ମାଣ ହେବା ଉଚିତ। |
| ୫ | ରାଜପଥ- ୫୩ କି.ମି. ୮/୮୦ ଭଦ୍ରକ - ଯଶିପୁର | ବରପଦା (୨୦.୨) | • ଗୋଟିଏ ବ୍ୟବସାୟିକ ଗୃହ ନିର୍ମାଣ ହେଲାପରେ ଯାଇ ରାସ୍ତା କାମ ଆରମ୍ଭ ହେବା ଉଚିତ।<br>• ବ୍ୟବସାୟିକ ଗୃହ ବାବଦରେ ବ୍ୟବସାୟ କ୍ଷତିର କ୍ଷତିପୂରଣ ଦିଆଯିବା ଉଚିତ।<br>• ବାସଭୁମି ଜମି ପାଇଁ କ୍ଷତିପୁରଣ ଦିଆଯିବା ଉଚିତ।<br>• ଏହି ପ୍ରକଳ୍ପ ଦ୍ୱାରା ଆୟ ବର୍ଦ୍ଧିନହେବ।<br>• ସର୍ବସାଧାରଣଙ୍କର ସୁବିଧା ପାଇଁ ଶୌଚାଳୟ ଏବଂ ନଳକୂପ ରହିବା ଉଚିତ। |

| | | | |
|---|---|---|---|
| | | | • ମନ୍ଦିର ଗୁଡିକର ପୁନଃ ନିର୍ମାଣ ହେବା ଉଚିତ।<br>• ସରକାର ଏଚ୍.ଆ.ଭି. ଏବଂ ଏଡ୍ସ ବିଷୟରେ ସଚେତନତା ବ୍ୟାପକ ଭାବେ କରିବା ଉଚିତ। |
| ୬ | ରାଜପଥ-୫୩ କି.ମି. ୧୭/୧୮ ଭଦ୍ରକ - ଯଶିପୁର | ଟିଲୋ (୨୦.୨) | • ଯାତାୟତ ଖୁବ ସହଜ ହେବ ଏବଂ ଏହାଦ୍ୱାରା ବ୍ୟବସାୟୀ ସମୟ ବଞ୍ଚାଇପାରିବେ।<br>• ଏହି ପ୍ରକଳ୍ପର ପ୍ରଶସ୍ତିକରଣ ଦ୍ୱାରା ଆୟ ବର୍ଦ୍ଧିତ କରଣ ଏକ ଗୁଣାତ୍ମକ ଫଳ ଅଟେ।<br>• ବ୍ୟବସାୟିକ ଗୃହ ଏବଂ ଭୂମି / ବାସପୋଯୋଗୀ ଜମି ଯଦି ପ୍ରଭାବିତ ହେଉଚି ତାହାହେଲେ ସେଥି ପାଇଁ କ୍ଷତିପୁରଣ ଦିଆଯିବା ଉଚିତ।<br>• ଏକ ବ୍ୟବସାୟିକ ଅଟ୍ଟାଳିକା ନିର୍ମାଣ ହେବା ଉଚିତ।<br>• ମନ୍ଦିର, ନଳକୂପ ଗୁଡିକ ନିର୍ମାଣ ହେବା ଉଚିତ। |
| ୭ | ରାଜପଥ-୫୩ କି.ମି. ୨୭/୨୮ ଭଦ୍ରକ - ଯଶିପୁର | ମରେଇଗାଁ | • ଗୋଟିଏ ବ୍ୟବସାୟିକ ଗୃହ ନିର୍ମାଣ କରିବା ପରିବର୍ତ୍ତେ ପ୍ରଭାବିତ ଲୋକମାନଙ୍କୁ ବ୍ୟକ୍ତିଗତ କ୍ଷତିପୁରଣ ଦିଆଯିବା ଉଚିତ।<br>• ସାଧାରଣ ସଂପତ୍ତି ସମ୍ଭାବନା ଗୁଡିକ ପୁନଃ ନିର୍ମାଣ ହେବା ଉଚିତ। |
| ୮ | ରାଜପଥ-୫୩ କି.ମି. ୫୦/୪୯ ଭଦ୍ରକ - ଯଶିପୁର | ମହୁଲଡେଓ (୨୪.୨) | • ବ୍ୟବସାୟିକ ଗୃହ ଏବଂ ବାସଭୂମି ଜମିର କ୍ଷତିପୁରଣ ଦିଆଯିବା ଉଚିତ।<br>• ବାସଭୁମି ଜମି ପରିବର୍ତ୍ତେ ବାସଭୁମି ଜମି କ୍ଷତିପୁରଣ ବାବଦକୁ ଦିଆଯିବା ଉଚିତ। |

## <u>ଅସୁବିଧାଜନକ ଜାଗାଗୁଡିକୁ ଚିହ୍ନଟ କରିବା ଓ ପ୍ରଶମନ ଉପାୟ</u>

ଜବରଦଖଲର ପ୍ରକୃତି ଓ ବ୍ୟାପକତା ଜନବସତି ଗୁଡିକର ରାଜ୍ୟ ରାଜପଥ ଠାରୁ ନିକଟତା ପ୍ରକଳ୍ପ ପ୍ରଭାବିତ ବିଭିନ୍ନ ଜନବସତିର ଦୁର୍ବଳତା, ଭିଡର ମାତ୍ରା, ଦୁର୍ଘଟଣା ପ୍ରବଣ ଅଞ୍ଚଳ ଏବଂ ପ୍ରକଳ୍ପ ଅଞ୍ଚଳରେ ଥିବା ଜମିକୁ ନେଇ ସାମାଜିକ ଓ ସାଂସ୍କୃତିକ ପ୍ରଚଳନ ଭଳି ସମସ୍ୟା ଗୁଡିକୁ ବୁଝିବା ପାଇଁ କ୍ଷେତ୍ର ପରିଦର୍ଶନ ସବୁ କରାଯାଇଥିଲା ।ରାଜପଥରେ ପାର୍ଶ୍ୱପଥ, ବୈଷୟିକ ବିକଳ୍ପ, ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ସହାୟତା ଓ କ୍ଷତିପୁରଣର ଆକାର ରାଜ୍ୟ ସାମାଜିକ ଭିତ୍ତିଭୂମି ଓ ସର୍ବ ସାଧାରଣ ସୁବିଧାର ରୂପରେଖ ପ୍ରସ୍ତୁତ କରାଯାଇଛି। ପ୍ରକଳ୍ପ ପ୍ରଭାବିତ ଲୋକ ଗୋଷ୍ଠୀନେତା ଓ ଲାଇନ୍ ଡିପାର୍ଟମେଣ୍ଟ ଅର୍ଥାତ ବିଜୁଳି ବିଭାଗ ଜନ ସାସ୍ଥ୍ୟ ବିଭା. ଡାକ ଏବଂ ତାର ବିଭାଗ ଏବଂ ରାସ୍ତା କଡରେ ଥିବା ଅନ୍ୟାନ୍ୟ ବିଭାଗୀୟ (କେବୁଲ ଇତ୍ୟାଦୀ)ଙ୍କ ସହ ବିଚାର ବିମର୍ଷ ଓ କେନ୍ଦ୍ରୀୟ ସମୂହ ଆଲୋଚନାର ଫଳାଫଳକୁ ଆଧାରକରି ପୁନଃ ବସତି ଥଇଥାନ ସଂପର୍କୀୟ ବିଷୟ ଆଲୋଚନା କରାଯାଇଥିଲା।

ଏହି ଆଲୋଚନା ଫଳାଫଳର ସାରାଂଶ ଏବଂ ବିଭିନ୍ନ ଜନବସତିର ସମ୍ଭାବ୍ୟ ଉନ୍ନୟନ ଓ ଉପଶମ ଉପାୟ ସବୁ ନମ୍ନଲିଖିତ ସାରଣୀରେ ଦିଆଗଲା। ନିର୍ମାଣ ଅଞ୍ଚଳର ଘନତା ଓ ନିକଟତା ପଟି ରେଖାଚିତ୍ର ସୁଚନା ଅନୁଯାୟୀ ଅସ୍ଥାୟୀ ଓ ସ୍ଥାୟୀ ଗୃହର ସଂଖ୍ୟା ରାସ୍ତାର ଛେଦବିନ୍ଦୁ ଓ ପୂର୍ବରୁ ଥିବା ରାସ୍ତା ସହ ଅଟ୍ଟାଳିକାର ଦୁରତାକୁ ଆଧାର କରି ପ୍ରକଳ୍ପ ଅଞ୍ଚଳରେ ଜନକୀର୍ଣ୍ଣ ଓ ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରାଯାଇଥିଲା । ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ରାସ୍ତାର ସାମାଜିକ ସମୀକ୍ଷଣରେ ଗଣନା ଓ ଶ୍ରେଣୀ ଭୁକ୍ତ କରଣ ପାଇଁ ପ୍ରତି କିଲୋମିଟର ପିଛା ଗୃହର ସଂଖ୍ୟାକୁ **ନିଆଯାଇଥିଲା।**

ସାରଣୀ-୪ ପ୍ରକଳ୍ପ ପ୍ରଭାବିତ ସ୍ଥରୀକରଣ ପାଇଁ ପ୍ରସ୍ତାବିତ ଉପଶମ ଉପାୟ ଚିହ୍ନଟ ଏବଂ ଗୁଣସୁଚକ ମାନ :-
(ବେରହମପୁର –ବାଙ୍ଗି- ତ୍ୱକ ଖଣ୍ଡ (ରାଜ୍ୟ ରାଜପଥ-୧୭ ଏବଂ ରାଜ୍ୟ ରାଜପଥ- ୪)

| ଖଣ୍ଡ | ସ୍ଥାନ | ପ୍ରକୃତି ଏବଂ ସମାସ୍ୟାର ମାତ୍ରା | ଉପଶମ ଉପାୟ | ମନ୍ତବ୍ୟ |
|---|---|---|---|---|
| କି.ମି. ୦/୦୦-୦୧/୦୦୦ | ପ୍ରଥାମ ଫାଟକ ବ୍ରହ୍ମପୁର | • **କ୍ରମାନୟେ ନିର୍ମିତ ଅଞ୍ଚଳ ଏଠି ବଡ ପକ୍କା ଗୃହ, ବାସ ଗୃହ ବ୍ୟବସାୟିକ ଗୃହ ଅଛି। ଉପଲବ୍ଧ ରାସ୍ତାର ଓସାର ୯-୧୧ ମିଟର ଅଟେ।** | • ବିସ୍ଥାପନକୁ କମ୍ କରିବାକୁ ହେଲେ ରାସ୍ତାର ଚଉଡାକୁ କମ୍ କରିବାକୁ ପଡିବ। | • ରାସ୍ତା ନକ୍ସା (ଡିଜାଇନ) ପସ୍ତୁତି ସମୟରେ ଏହାର ଜ୍ୟାମିତିକ ଉନ୍ନତି କରଣର ପ୍ରସ୍ତାବ ସମୂହକୁ ଯାଞ୍ଚ କରିବା ଦରକାର । |
| କି.ମି. ୯/୦୦-୧୦/୦୦୦ | ବାଲିପଡା (ଗଞ୍ଜାମ ଓଡିଶା) | • **୨୭୦ ଗୋଟି ଅର୍ଦ୍ଧ ପକ୍କା ଅବସ୍ଥିତ ଅଛି।**<br>• ପୂର୍ତ୍ତବିଭାଗର ରାସ୍ତା ଅଞ୍ଚଳରେ ବାସଗୃହ ଏବଂ ବ୍ୟବସାୟ ଗୃହ ଅବସ୍ଥିତ ।<br>• ବ୍ୟବସାୟ ନଷ୍ଟ ହେବା ଯୋଗୁଁ ଜୀବିକା ନିର୍ବାହ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଅଛି। | • ପୁନର୍ବାସ ଏବଂ ପୁନଃ ପାଇଁ ଉଦ୍ୟମ ହେବା ଆବଶ୍ୟକ ।<br>• ଆୟ ସୃଷ୍ଟିକାରୀ ଯୋଜନା ହାତକୁ ନେବା ଉଚିତ୍।<br>• ସ୍ଥାନିୟ ଗୋଷ୍ଠୀ / ଅନୁଷ୍ଠାନ ମାନଙ୍କୁ ବିଭିନ୍ନ ପ୍ରକାରର ସୁବିଧା ଦେବାର ବ୍ୟବସ୍ଥା ହେବା ଉଚିତ। | |
| କି.ମି. ୨୩/୦୦-୨୫/୦୦୦ | ଦିଗପହଣ୍ଡି ଗଞ୍ଜାମ ଓଡିଶା | • ପ୍ରାୟ ୨କି.ମି. ପର୍ଯ୍ୟନ୍ତ ଲାଗିଲାଗି ନିର୍ମାଣ ଅଞ୍ଚଳ ରହିଛି।<br>• ସହର ଏବଂ ଆଂଶିକ ରୁପେ ବଜାର ଅଞ୍ଚଳ।<br>• ଜନଗହଳୀ ଅର୍ଥାତ୍ ଭୀଡ ସମୟରେ ରାସ୍ତାଟି ଅଣ ଓସାରିଆ ହେଉଥିବାର ପରିଲକ୍ଷିତ ହୁଏ।<br>• ଏହି ଅଞ୍ଚଳ ଦୁର୍ଘଟଣା ପ୍ରବଣ ଅଟେ।<br>• ପ୍ରସ୍ତାବିତ ରାସ୍ତା ସକାଶେ ୧୨ ମିଟର ଓସାରର ସ୍ଥାନ ରହିଛି। | • ପୁନର୍ବାସ ଏବଂ ଥଇଥାନକୁ କମ୍ ହେବାକୁ ହେଲେ କରିଡର ଅଫ ଇମ୍ପାକ୍ଟ ଅର୍ଥାତ ରାସ୍ତାର ପ୍ରଶସ୍ତି କରଣର ପ୍ରଭାବକୁ କମ କରିଦେବାକୁ ପଡିବ ।<br>• ରାସ୍ତା (ଯାନବାହାନ) ସୁରକ୍ଷାର ଉପାୟ ଗୁଡିକ ଗ୍ରହଣ କରିବାକୁ ପଡିବ।<br>• ରାସ୍ତାକଡରେ ବଜାର ଥିବା ଯୋଗୁଁ ରାସ୍ତା ନିର୍ମାଣ ସମୟରେ ଏଥି ପ୍ରତି ବିଶେଷ ଧାନ ଦେବା ଉଚିତ।<br>• ଏଥି ପାଇଁ ଗୋଷ୍ଠୀଗତ ଭାବେ ସେଠାକାର ଜନସାଧାରଣ ଭାଗିଦାର ହେବା ଉଚିତ। | |
| କି.ମି. ୬୭/୦୦-୬୯/୦୦୦ | ମୋହନା ଗଜପତି ଓଡିଶା | • ପ୍ରୟ ୨୮୦ଟି ଅର୍ଦ୍ଧ ପକ୍କା ତଥା ପକ୍କା ଗୃହ ସହିତ ଉଠା ଦୋକାନ ମାନ ରହି ଅଛି ।<br>• ପ୍ରାୟ ବହୁ ଗୃହ ପିଚୁ ରାସ୍ତାକୁ ଲାଗି ରହିଅଛି। | • ରାସ୍ତା ନିର୍ମାଣ ଜନୀତ ବିପରୀତ ପ୍ରଭାବକୁ କ୍ଷୁର୍ଣ୍ଣ କରିବାକୁ ହେଲେ ଏକ ବଡଧରଣର ପୁନର୍ବାସ ତଥା ପୁନଃ ଥଇଥାନ ବ୍ୟବସ୍ଥା ଗ୍ରହଣ କରିବା | |

| | | | | |
|---|---|---|---|---|
| | | • ଆବାସିକ ଏବଂ ବ୍ୟବସାୟିକ ଗୃହ ଗୁଡିକ ରହିଅଛି।<br>• ସ୍ଥାନାନ୍ତର ଦ୍ୱାରା ଜୀବିକା କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ବାସ ହରା ମଧ ହେବେ।<br>• ନିମ୍ନ ସ୍ତରର ଜ୍ୟାମିତିକ ମାନ ଯୋଗୁଁ ଭିଡ ଆଗେ ଓସାରିଆ ହେଇଥିବା ସକାଶେ ଏହି ଅଞ୍ଚଳଟି ଦୁର୍ଘଟଣା ପ୍ରବଣ ଅଟେ। | ଉଚିତ୍।<br>• କରିଡର ଅଫ ଇମ୍ପାକ୍ଟ ଅର୍ଥାତ ରାସ୍ତାର ପ୍ରଶସ୍ତି କରଣ ବା ଚଉଡି କରଣର ପ୍ରଭାବକୁ କମ୍ କରି ଦେବାକୁ ପଡିବ । ଅନ୍ୟ ଅର୍ଥରେ ରାସ୍ତାଟିକୁ କମ୍ ଚଉଡା କରାଯିବା ଉଚିତ୍। | |
| କି.ମି. ୮୦/୦୦-୮୧/୦୦୦ | ଅଡବା ଗଜପତି ଓଡିଶା | • ପୂର୍ତ୍ତବିଭାଗର ରାଇଟ୍ ଅଫ ୱେ (ଅର୍ଥାତ୍ ରାସ୍ତା ଧିକାର ସୂତ୍ର) ଅଞ୍ଚଳ ମଧରେ ପ୍ରାୟ ୧୨୦ଟି ବ୍ୟବସାୟ ଗୃହ , ଅର୍ଦ୍ଧ ପକ୍କାଗୃହ, ଏବଂ ସପୁର୍ଣ୍ଣ ପକ୍କାଗୃହ ରହିଅଛି।<br>• ଏହି ରାସ୍ତାର କିଛି ଅଂଶ ସହର ଭିତରେ ଦେଇ ଗତି କରୁଛି।<br>• ଏଠାରେ ଏକ ଛୋଟ କାଟିଆ ବଜାର ମଧ ଅଛି।<br>• ରାସ୍ତା ପ୍ରଶସ୍ତି କରଣ ସକାଶେ ୧୦-୧୨ ମିଟର ଓସାରର ସ୍ଥାନ ରହିଛି। | • କରିଡର ଅଫ ଇମ୍ପାକ୍ଟ ବା ରାସ୍ତାର ପ୍ରଶସ୍ତି କରଣର ପ୍ରଭାବକୁ ପ୍ରଶମିତ କରିବା ଦରକାର ତାହା ଫଳରେ ପୁଃନର୍ବାସ କମ୍ ପରିମାଣରେ ସମ୍ଭବ ହୋଇପାରିବ।<br>• ଏହି ପୁନଃ ଥଇଥାନର ବ୍ୟବସ୍ଥା ଲଙ୍କଙ୍କର କରାଯିବା ଉଚିତ। | ଏକ ବିକଳ୍ପ ପୁନଃ ବସତି ଯାଗା ସକାଶେ ଅନୁଧାନ କରାଯିବା ଆବଶ୍ୟକ ଅଟେ। |
| କି.ମି. ୯୦/୦୦-୯୧/୦୦ | ବିରିକୋଟା | • ପ୍ରାୟ ୯୭ଟି ଗୃହ (ରୋଇଟ ଅଫ ଉଏ) ପୁର୍ତ୍ତବିଭାଗର ରାସ୍ତା ଅଧିକାର ସତ୍ୱ ଅଞ୍ଚଳ ଭିତରେ ଅଛି ।<br>• ଏଠାରେ ବହୁ ସଂଖ୍ୟାରେ ଛୋଟ, ଛୋଟ ଅର୍ଦ୍ଧସ୍ଥାୟୀ ଗୃହ ଗୁଡିକ ରହିଛି ।<br>• ଏହା ଆଦିବାସୀ ବହୁଳ ଅଞ୍ଚଳ ମଧରେ ଅବସ୍ଥିତ। | • କରିଡର ଅଫ ଇମ୍ପାକ୍ଟ ଅର୍ଥାତ ରାସ୍ତାର ପ୍ରଶସ୍ତି କରଣର ପ୍ରଭାବକୁ ଲାଘବ କରି ଦେଲେ ଅତି କମ ପୁନଃ ଥଇଥାନର ବ୍ୟବସ୍ଥାର ଆବଶ୍ୟକତା ରହିବ।<br>• ଆଦିବାସୀ ଙ୍କ ଉନ୍ନତି କଳ୍ପେ ଏକ ଯୋଜନାର ଆବଶ୍ୟକତା ଅଛି।<br>• ସର୍ବସାଧାରଣ ସମ୍ପତିର ତତ୍ତ୍ୱାବଧାନ ପାଇଁ ବିଶେଷ ଧାନଦେବା ଉଚିତ। | |
| କି.ମି. ୧୨୫/୦-୧୨୬/୦୦ | କେନ୍ଦୁଗୁଡା | • ପ୍ରାୟ ୬୦ଟି ଗୃହ ପ୍ରଭାବିତ ହେବେ।<br>• ପ୍ରାୟ ସବୁ ଗୃହ ଗୁଡିକ ଯାତାୟତ ପିଚୁ ରାସ୍ତାରୁ ୫-୬ ମିଟର ଦୂରରେ ଅବସ୍ଥିତ ଅଟେ।<br>• ଏହା ଆଦିବାସୀ ବହୁଳ ଅଞ୍ଚଳ ଅଟେ। | • ଓଡକ ପ୍ରକଳ୍ପ ଜନୀତ ବିପରୀତ ପ୍ରଭାବକୁ ଲାଘବ କରିବା ନିମନ୍ତେ ଏକ ବଡ ଧାରଣର ପୁନର୍ବାସ ଓ ପୁନଃ ଥଇଥାନ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍।<br>• କରିଡର ଅଫ ଇମ୍ପାକ୍ଟ ଅର୍ଥାତ ରାସ୍ତାର ପ୍ରଶସ୍ତି | ରାସ୍ତାର (ଡିଜାଇନ) ନକ୍ସା ପ୍ରସ୍ତୁତି ସମୟରେ ଏହାର ଜ୍ୟାମିତିକ ଉନ୍ନତି କରଣର ପ୍ରସ୍ତାବ ଗୁଡିକୁ ଯାଞ୍ଚ କରିବା ଦରକାର। |

| | | | | |
|---|---|---|---|---|
| | | | କରଣର ପ୍ରଭାବକୁ ଯଥା ସମ୍ଭବ କମ୍ କରିବା ଉଚିତ୍।<br>● ସର୍ବସାଧାରଣ ସମ୍ପତ୍ତିର ତତ୍ତ୍ୱାବଧାନ ପାଇଁ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଅଛି। | |
| କି.ମି. ୧୪୧/୦୦-୧୪୩/୦୦ | ଅନ୍ତରାଟୋଲି | ● ପ୍ରାୟ ୧୧୨ଟି ଗୃହ (ରାଇଟ ଅଫ ଓଏ) ରାସ୍ତାଧିକାର ଅଞ୍ଚଳ ଭିତରେ ଅଛି।<br>● ଅଧିକାଂଶ ବାସଗୃହ ଏବଂ ବ୍ୟବସାୟିକ ଗୃହ ଅଟେ।<br>● ଆଦିବାସୀ ବହୁଳ ଅଞ୍ଚଳ।<br>● ପକ୍କା ଏବଂ କଚ୍ଚା ଗୃହ ସବୁ । | ● ପୁନଃ ଥଇଥାନ କୁ ଲାଘବ କରିବା ପାଇଁ ଅଳ୍ପ ଜମି ନେବା ଉଚିତ୍।<br>● ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ବ୍ୟବସାୟୀ ମାନଙ୍କୁ ପୁନଃ ଥଇଥାନ ସକାଶେ ପ୍ରଶିକ୍ଷଣ ପ୍ରଦାନ କରିବା ଉଚିତ୍। | |
| ୧୫୭/୦୦-୧୫୬/୦୦ | ଖାକୁଣ୍ଡା | ● ଅଧିକାଂଶ ଲୋକ ଛୋଟ ଛୋଟ ବେପାରୀ।<br>● ଜୀବୀକା ନଷ୍ଟ ହେବ।<br>● ବହୁତ ସ୍ଥାୟୀ ଏବଂ ଅର୍ଦ୍ଧସ୍ଥାୟୀ ଗୃହ ରହିଛି।<br>● ପ୍ରାୟ ୧୪୦ ଟି ଗୃହ ପ୍ରଭାବିତ ହେବ। | ● ପୁନଃ ଥଇଥାନକୁ କମେଇବ ପାଇଁ ରାସ୍ତା ପାଇଁ ଜମି ଅଧିଗ୍ରହଣ କମ କରିବା ଦରକାର ।<br>● ବ୍ୟବସାୟ କରୁଥିବା ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ଥଇଥାନ ଓ ପୁନଃ ଥଇଥାନ ନିମିତ୍ତ ପ୍ରଶିକ୍ଷଣ ଦରକାର।<br>● ସର୍ବସାଧାରଣଙ୍କ ସଂପତ୍ତି ତତ୍ତ୍ୱାବଧାନ ଯୋଜନା ପ୍ରତି ଯତ୍ନ ନିଆଯିବା ।<br>● ଆଦିବାସୀ ଙ୍କର ଉନ୍ନତି କଳ୍ପେ ଯୋଜନା ପ୍ରସ୍ତୁତ ଦରକାର। | |
| ୮୪-୮୬ | ଗୁମୁଡା | ● ପ୍ରାୟ୧୦ଟି ଗୃହ (ରାଇଟ ଅଫ ଓଏ) ରାସ୍ତାଧିକାର ଅଞ୍ଚଳ ଭିତରେ ଅବସ୍ଥିତ ଅଛି।<br>● ଅଧିକାଂଶ ଗୃହ ବ୍ୟବସାୟିକ ଶ୍ରେଣୀର ଅଟେ।<br>● ଆଦିବାସୀ ବହୁଳ ଅଞ୍ଚଳ<br>● ପକ୍କା ଏବଂ କଚ୍ଚାଗୃହ ସବୁ ଅବସ୍ଥିତ ଅଛି। | ● ପୁନଃ ଥଇଥାନକୁ କମେଇବ ପାଇଁ ରାସ୍ତା ପାଇଁ ଜମି ଅଧିଗ୍ରହଣ କମ କରିବା ଦରକାର ।<br>● ବ୍ୟବସାୟ କରୁଥିବା ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ଥଇଥାନ ଓ ପୁନଃ ଥଇଥାନ ନିମିତ୍ତ ପ୍ରଶିକ୍ଷଣ।<br>● ସର୍ବସାଧାରଣଙ୍କ ସଂପତ୍ତି ତତ୍ତ୍ୱାବଧାନ ଯୋଜନା ପ୍ରତି ଯତ୍ନ ନିଆଯିବା | |

| | | | | |
|---|---|---|---|---|
| | | | ଉଚିତ୍‌।<br>• ଆଦିବାସୀ ଙ୍କର ଉନ୍ନତି କଳ୍ପେ ଯୋଜନା ପ୍ରସ୍ତୁତ ଦରକାର। | |

<u>ସାରଣୀ –୬ ପ୍ରକଳ୍ପ ପ୍ରଭାବିତ ସ୍ଥିରୀକରଣ ପାଇଁ ପ୍ରସ୍ତାବିତ ଉପଶମ ଉପାୟ ଚିହ୍ନଟ ଏବଂ ଗୁଣସୁଚକ ମାନ</u>

ରାୟଗଡା ମୁନିଗୁଡା ଭବାନୀପାଟଣା ଖଡିଆଳ ଭାଗ (ରାଜପଥ ୫,୬ ଏବଂ ୧୬)

| ଖଣ୍ଡ/ଭାଗ | ସ୍ଥାନ | ପ୍ରକୃତି ଏବଂ ସମାସ୍ୟାର ମାତ୍ରା | ଉପଶମ ଉପାୟ | ମନ୍ତବ୍ୟ |
|---|---|---|---|---|
| ରାଜ୍ୟ ରାଜପଥ -୫ କି.ମି. ୩୪ – ୩୫ | ବିଷମ କଟକ ରାୟଗଡା ଓଡିଶା | • ପ୍ରାୟ ୮୦ଟି ଗୃହ (ରାଇଟ ଅଫ ଉଏ) ରାସ୍ତାଧିକାର ଜମିରେ ଅବସ୍ଥିତ।<br>• ଅଧିକାଂଶ ବ୍ୟବସାୟିକ ଏବଂ ବାସଗୃହ ଅଟେ।<br>• ସମୂହ ସଂପତ୍ତି ଯଥା ଶିକ୍ଷାନୁଷ୍ଠାନ ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି (ରାଇଟ ଅଫ ଉଏ ) ରାସ୍ତାଧିକାର ଜମିରେ ଅବସ୍ଥିତ। | • ରାସ୍ତା ନର୍ମାଣ ନିମିତ୍ତ ଆବଶ୍ୟକ ଭୂ ଅର୍ଜନକୁ କମେଇବା।<br>• ସମୁହ ସୁବିଧାନିମିତ୍ତ ଉପାୟ ବୃଦ୍ଧିକରିବା। | |
| ରାଜ୍ୟ ରାଜପଥ -୫ କି.ମି. ୪୯-୨୦ | ମୁନିଗୁଡା ରାୟଗଡା ଓଡିଶା | • ପ୍ରାୟ ୧୨୦୦ଟି ଗୃହ ଅବସ୍ଥିତ<br>• ଦୀର୍ଘ ୭୦୦ ମିଟର ଲମ୍ବର ବ୍ୟବସାୟିକ ଗୃହ<br>• ଅତି ନମ୍ନ ମାନର ଜ୍ୟାମିତିକ ଡିଜାଇନ<br>• ୨ କି.ମି. ଭିତରେ ୨ଟି ରେଳ ଫାଟକ (ଲେବଳ କ୍ରସିଙ୍ଗ) ଅଛି। | • ପାର୍ଶ୍ୱପଥ (ବାଇପାଶ) ପାଇଁ ପ୍ରସ୍ତାବ ଅଛି।<br>• କୃଷି ପ୍ରଭାବିତ ପ୍ରକଳ୍ପର ଲୋକମାନଙ୍କୁ ଥଇଥାନ ପାଇଁ ସ୍ୱତନ୍ତ୍ର ଯେଜନା କରାଯିବ। | • ବିକଳ୍ପ (ବାଇପାଶ) ପାର୍ଶ୍ୱପଥ ଚୟନ ନିମିତ୍ତ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।<br>• ଜୀବୀକା ପାଇଁ ଆୟର ବାଟ ବାହର କରି ଜୀବନ ଧାରଣର ସ୍ଥିର କରିବା |
| କି:ମି: | ଭବାନିପାଟଣା – କଳାହାଣ୍ଡି ଓଡିଶା | • ସଡକ ପ୍ରକଳ୍ପର ପ୍ରାୟ ୨ କି.ମି. ରାସ୍ତା ଭବାନିପାଟଣା ସହର ଦେଇ ଯାଉଛି ।<br>• ୯ମିଟର ଓସାର ରାସ୍ତା ଦୃଢୀ କରଣ ହୋଇ ରହିଛି<br>• ରାସ୍ତାରେ ୯୦° କୋଣ ରେ ବକ୍ରତା ଅଛି। | | • ବିକଳ୍ପ (ବାଇପାଶ) ପାର୍ଶ୍ୱପଥ ଚୟନ ନିମିତ୍ତ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। |

<u>ସାରଣୀ –୭ ପ୍ରକଳ୍ପ ପ୍ରଭାବିତ ସ୍ଥିରୀକରଣ ପାଇଁ ପ୍ରସ୍ତାବିତ ଉପଶମ ଉପାୟ ଚିହ୍ନଟ ଏବଂ ଗୁଣସୁଚକ ମାନ</u>

(ଜଗତପୁର –ଚାନ୍ଦବାଲି ଭଦ୍ରକ ଭାଗ ରାଜ୍ୟ ରାଜପଥ -୯ ଏ)

| ଖଣ୍ଡ/ଭାଗ | ସ୍ଥାନ | ପ୍ରକୃତି ଏବଂ ସମାସ୍ୟାର ମାତ୍ରା | ଉପଶମ ଉପାୟ | ମନ୍ତବ୍ୟ |
|---|---|---|---|---|
| ରାଜ୍ୟ ରାଜପଥ -୯ଏ କି.ମି. ୦/୦ | ବହୁଗ୍ରାମ କଟକ ଓଡିଶା | • ପ୍ରାୟ ୫୦ଟି ଗୃହ ୨୦ମିଟର ରାସ୍ତାପାର୍ଶ୍ଵ ଭିତରେ ଅଛନ୍ତି ।<br>• ବ୍ୟବସାୟିକ ଗୃହ ଗୁଡିକର ସ୍ଥାନାନ୍ତର<br>• ରାଜନୈ ତିକ ସମ୍ବେଦନ ଶୀଳ ଅଞ୍ଚଳ। | • ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଭୂ ଅର୍ଜନକୁ ଯେତେ ସମ୍ଭବ କମେଇବା।<br>• ଥଇଥାନ ଏବଂ ପୁନଃଥଇଥାନର ଉପାୟ ବାହାର କରିବା ।<br>• ପ୍ରକଳ୍ପ ସାକାର ସମୟରେ ଜରୁରୀକାଳିନୀ ବିଚାର ବିମର୍ଷ କରିବା ଦରକାର। | • ଯୋଜନା ସାକାର ସମୟରେ ପ୍ରକଳ୍ପ ପ୍ରଭାବିତ ଲୋକେ ଆଲୋଚନାରେ ଭାଗନେବା ଉଚିତ୍। |
| ରାଜ୍ୟ ରାଜପଥ -୯ଏ କି.ମି. ୧୮/୨୦ | ସାଲେପୁର | • ପ୍ରାୟ ୧.୫ କି ସହର ଅଞ୍ଚଳ।<br>• ପ୍ରାୟ ୨୦୦ଟି ଗୃହ (ରାଇଟ ଅଫ ଉଏ କୁ ଲାଗିକରି) ରାସ୍ତାଧିକାର କୁ ଲାଗିଅଛି।<br>• ଅଧିକାଂଶ ପକ୍କା ବ୍ୟବସାୟ ଗୃହ ଅଛି। | • ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଭୂ ଅର୍ଜନକୁ ଯେତେ ସମ୍ଭବ କମେଇବା।<br>• ଥଇଥାନ ଏବଂ ପୁନଃଥଇଥାନର ଉପାୟ ବାହାର କରିବା ।<br>• ସମୟରେ ଜରୁରୀ କାଳିନୀ ବିଚାର ବିମର୍ଷ କରିବା। | • ଯୋଜନା ସାକାର ସମୟରେ ଜନ ସାଧାରଣଙ୍କ ଭାଗିଦାରୀ ହେବା ଦରକାର ବା ଉଚିତ୍। |
| ରାଜ୍ୟ ରାଜପଥ -୯ଏ କି.ମି. ୬୮/୦୦-୭୦୦ | ପଟ୍ଟାମୁଣ୍ଡାଇ | • ପଟ୍ଟାମୁଣ୍ଡାଇ ସ୍ଥିତ ରାସ୍ତା ଅତି ନିମ୍ନମାନର ଜ୍ୟାମିତିକ (ଡିଜାଇନ) ଅବସ୍ଥାରେ ଅଛି ତିନି ଗୋଟି –୯୦° ବକ୍ରତା ଅଛି।<br>• ରାସ୍ତାଯି ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ କେନାଲ ବନ୍ଧକୁ ଅନୁକରଣ କରୁଛି।<br>• କେନାଲ ବନ୍ଧରେ ରାସ୍ତା ଉନ୍ନତି କରଣ ପାଇଁ କୌଣସି ସୁବିଧା ନାହିଁ।<br>• ରାଜନୈତିକ ସମ୍ବେଦନଶୀଳ ଅଞ୍ଚଳ।<br>• ପ୍ରସ୍ତାବିତ ପାର୍ଶ୍ଵରାସ୍ତା ଚୟନ ମଧ ଜଳମଗ୍ନ ଏବଂ ଆଦ୍ର ଅଞ୍ଚଳ ଦେଇ ଗଚ୍ଛିକରୁଥିବାରୁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ। | • ପାର୍ଶ୍ଵପଥ (ବାଇପାଶ୍) ପାଇଁ ପ୍ରସ୍ତାବ ଅଛି।<br>• କୃଷି ପ୍ରଭାବିତ ପ୍ରକଳ୍ପର ଲୋକମାନଙ୍କୁ ଥଇଥାନ ଓ ପୁନଃ ଥଇଥାନ ପାଇଁ ସ୍ଵତନ୍ତ୍ର ଯୋଜନା କରାଯିବା।<br>• ଜୀବିକା ପୁନଃ ପ୍ରତିଷ୍ଠା ପାଇଁ ଆୟକରିବାର ବାଟ ବାହର କରି ଜୀବନ ଧାରଣାର ରାସ୍ତା ସ୍ଥିର କରିବା। | • ଯୋଜନା ସାକାର ହେବା ସମୟରେ ପ୍ରକଳ୍ପ ପ୍ରଭାବିତ ଲୋକମାନେ ଏଥିରେ ଭାଗ ନେବା ଦରକାର।<br>• ଅନ୍ୟ ଏକ ବିକଳ୍ପ ପାର୍ଶ୍ଵରାସ୍ତ (ବାଇପାସ)ର ଚୟନ ହେବା ଦରକାର। |

| | | | | |
|---|---|---|---|---|
| | | • ପାର୍ଶ୍ୱପଥ ଚୟନ ଏକମାତ୍ର ଉପାୟ ।<br>• ପ୍ରସ୍ତାବିତ ପାଶ୍ୱପଥ ଚୟନରେ ବହୁସଂଖ୍ୟାରେ ଚାଷୀ ସେମାନଙ୍କର ଜୀବିକା ହରାଇବେ । | | |
| କି.ମି. ୮୩-୮୫ ରାଜ୍ୟ ରାଜପଥ-୯ଏ | ଅଳି (ରାଜକନିକା) | • ପ୍ରାୟ ୭୦୦ ମିଟର ପର୍ଯ୍ୟନ୍ତ ସଂକୀର୍ଣ୍ଣ ଅଞ୍ଚଳ ଅଛି ।<br>• ଅଧିକାଂଶ ଜବରଦଖଲ କାରୀ ରାସ୍ତାର ଡାହାଣ ପାର୍ଶ୍ୱରେ ଅଛନ୍ତି ।<br>• ପ୍ରାୟ ୨୦୦ଟି ଅସ୍ଥାୟୀ ବ୍ୟବସାୟିକ ଗୃହ ସ୍ଥାନାନ୍ତର ହେବ ।<br>• ୯-୧୧ ମିଟର ଭିତରେ ରାସ୍ତା ପ୍ରଶସ୍ତ ଅଛି ।<br>• ଅତିମାତ୍ରା ରେ ରାଜନୈତିକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଭାରତର ରାଷ୍ଟ୍ରପତି ଅଳି ସହର ପାଇଁ ଏକ ବକ୍ରପଥ/ ପାର୍ଶ୍ୱପଥ ନିର୍ମାଣ ପାଇଁ ଏକ କରିଛନ୍ତି ।<br>• ବିଚାର ବିମର୍ଷ ସମୟରେ ବାଇପାସ (ପାର୍ଶ୍ୱପଥ) ଚୟନ ନିମିତ୍ତ ଦଳଗତି ବିଭେଦ ପରିଲକ୍ଷିତ ହୋଇଥିଲା । | • ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଭୂ- ଅର୍ଜନକୁ ଯେତେ ସମ୍ଭବ କମେଇବା ଉଚିତ୍ ।<br>• ମୁଖ୍ୟ କରି ଜବରଦଖଲ କାରୀ ମାନଙ୍କ ପାଇଁ ଥଇଥାନ ଏବଂ ପୁନଃ ଥଇଥାନ ବ୍ୟବସ୍ଥା କରିବା ।<br>• ପ୍ରକଳ୍ପ ତିଆରି ସମୟରେ ଏକ ନିରପେକ୍ଷ ଉପାୟ ବାହାର କରି ଅନ୍ୟାନ୍ୟ ବହୁ ଉପସ୍ଥାପନାକୁ ପ୍ରତିହିତ କରିବାର କୌଶଳ ବାହାର କରିବା<br>• ବିଚାର ବିମର୍ଷ ସମୟରେ ବିକଳ୍ପ ପାଶ୍ୱପଥ ଚୟନ ନେଇ ସର୍ବସାଧାରଣ ଙ୍କ ସହିତ ଆଲୋଚନା ନକରିବା ଦରକାର କାରଣ ଅବସ୍ଥିତ ରାସ୍ତାହିଁ ଏକମାତ୍ର ବିକଳ୍ପ ଅଟେ । | • ତହସିଲ ଏବଂ ଜିଲ୍ଲା ସ୍ତରରେ ସଭା କରି ଏବଂ ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କର ମନ୍ତବ୍ୟ କୁ ବିବେଚନା କରିବା ଦରକାର ଏବଂ ସେମାନଙ୍କ ନିଷ୍ପତ୍ତି ରେ ବିଭାଜନ ଜନୀତ ସମସ୍ୟାକୁ ଗଭୀର ଭାବେ ଆଲୋଚନା କରି ଏକ ସିଦ୍ଧାନ୍ତରେ ଉପନୀତ ହେବା ଉଚିତ । |
| କି.ମି. ୪୬-୪୭ ରାଜ୍ୟ ରାଜପଥ-୯ ଭଦ୍ରକ-ଚାନ୍ଦବାଲି ରାସ୍ତା | ଚାନ୍ଦବାଲି | • ପ୍ରାୟ ୩୦୦ମିଟର ସହର ଅଞ୍ଚଳ / ଜନଗହଳି ସଂକୀର୍ଣ୍ଣ ଅଟେ ।<br>• ରାସ୍ତା ଟି ନଦୀ ଶଯ୍ୟରେ ପ୍ରାୟ ୧କି.ମି ଧରି ଗତିକରିଛି ଏବଂ ପୋଲ ସମ୍ମୁଖ ଭାଗ ଅତି ନିମ୍ନମାନର ଜ୍ୟାମିତିକ ନକ୍ସା (ଡିଜାଇନ) ରେ ନିର୍ମିତ । | • ପାର୍ଶ୍ୱପଥର ପ୍ରସ୍ତାବ ରହିଛି ।<br>• ପ୍ରକଳ୍ପରେ କୃଷି ପ୍ରଭାବିତ ଲୋକମାନଙ୍କୁ ଥାଇଥାନ ଓ ପୁନଃ ପାଇଁ ସ୍ୱତନ୍ତ୍ର ଯୋଜନା କରାଯିବ ।<br>• ଜୀବିକାର ପୁନଃ ପ୍ରତିଷ୍ଠା ପାଇଁ ଆୟକରିବାର ବାଟ ବାହାରକରି ଜୀବନ ଧାରଣର ରାସ୍ତା ସ୍ଥିର କରିବା | |

| | | | | |
|---|---|---|---|---|
| | | • ରାଜନୈତିକ ସମ୍ବେଦନଶୀଳ ଅଞ୍ଚଳ ।<br>• ପାର୍ଶ୍ୱପଥ ଚୟନ ଏକ ମାତ୍ର ବିକଳ୍ପ ।<br>• ବହୁ ସଂଖ୍ୟାରେ ଚାଷୀ ପ୍ରସ୍ତାବିତ ପାର୍ଶ୍ୱପଥ ଚୟନ (ବାଇପାଶ) ଦ୍ୱାରା ସେମାନଙ୍କର ଜୀବିକା ହରାଇବେ । | | |

ସାରଣୀ –୮ ପ୍ରକଳ୍ପ ପ୍ରଭାବିତ ସ୍ଥିରୀକରଣ ପାଇଁ ପ୍ରସ୍ତାବିତ ଉପଶମ ଉପାୟ ଚିହ୍ନଟ ଏବଂ ଗୁଣସୁଚକ ମାନ

| ଖଣ୍ଡ/ଭାଗ | ସ୍ଥାନ | ପ୍ରକୃତି ଏବଂ ସମାସ୍ୟାର ମାତ୍ରା | ଉପଶମ ଉପାୟ | ମନ୍ତବ୍ୟ |
|---|---|---|---|---|
| ରାଜ୍ୟ ରାଜପଥ - ୫୩ କି.ମି. ୧୯-୨୦ | ବନ୍ତ | • ପ୍ରାୟ ୧୭୦ଟି ଅର୍ଦ୍ଧ ପକ୍କା, ପକ୍କା ଗୃହ ଏବଂ ଉଠାଦୋକାନ ଅଛ।<br>• ଏହି ଘର ଗୁଡିକ (ରାଇଟ ଅଫ ଉଏ) ରାସ୍ତାଧିକାର ଅଞ୍ଚଳ ଭିତରେ ଅଛି।<br>• ବାସଗୃହ ଏବଂ ବ୍ୟବସାୟିକ ସଂପତ୍ତି।<br>• ପ୍ରକଳ୍ପ ଜନିତ ସ୍ଥାନାନ୍ତର ଲୋକମାନଙ୍କର ଜୀବିକା ଏବଂ ବାସ ଗୃହ କୁ ନଷ୍ଟ କରିବ। | • ବିରୋଧାତ୍ମକ ପ୍ରଭାବକୁ ପ୍ରଶମିତ କରିବା ପାଇଁ ମୁଖ୍ୟ ଥଇଥାନ ଆବଶ୍ୟକ ଦରକାର।<br>• ଯେତେଦୂର ସମ୍ଭବ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଭୂ-ଅର୍ଜନକୁ କମେଇବା ।<br>• ଦୁର୍ଘଟଣାକୁ ରୋକିବା ପାଇଁ ଜ୍ୟାମିତିକ ଉନ୍ନତି କରଣ ଆବଶ୍ୟକ । | |
| ରାଜ୍ୟ ରାଜପଥ - ୫୩ କି.ମି. ୧୯-୨୦ | ବସନ୍ତିଆ | • ପ୍ରାୟ ୭୦ଟି ଅର୍ଦ୍ଧ ପକ୍କା, ପକ୍କା ଗୃହ ରାସ୍ତାଧିକାର ଅଞ୍ଚଳ ଭିତରେ ଅଛି।<br>• ଅଦିବାସୀ ଲୋକମାନେ କ୍ଷତିଗ୍ରସ୍ତ ହେବେ।<br>• ପ୍ରକଳ୍ପ ଜନିତ ସ୍ଥାନାନ୍ତର ଲୋକମାନଙ୍କର ଜୀବିକା ଏବଂ ବାସଗୃହ ନଷ୍ଟ କରିବ। | • ଏକ ଦୟାପରବଶ ହସ୍ତକ୍ଷେପ ଆବଶ୍ୟକ ।<br>• ପ୍ରକଳ୍ପ ସମ୍ବେଦନ ଶୀଳତାକୁ ଲକ୍ଷ କରି ସ୍ଥାନାନ୍ତର ପୁର୍ବରୁ ପ୍ରଭାବିତ ଭାଗୀଦାରୀଙ୍କୁ ଏବଂ ଅନ୍ୟ ଭାଗୀଦାରୀ ମାନଙ୍କୁ ଅଧ୍ୟୟନ କରିବା ଆବଶ୍ୟକ।<br>• ବିରୋଧାତ୍ମକ ପ୍ରଭାବକୁ ପ୍ରଶମିତ କରିବା ନିମିତ୍ତ ଆଦିବାସୀ ମାନଙ୍କ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରିବା, ସର୍ବ ସାଧାରଣ ସଂପତ୍ତି ତତ୍ତ୍ୱାବଧାନ ଯୋଜନା ପ୍ରସ୍ତୁତି କରିବା, ତଥା ବିରୋଧାତ୍ମକ ପ୍ରଭାବକୁ ପ୍ରଶମିତ କରିବା ପାଇଁ ମୁଖ୍ୟା ଥଇଥାନ ଏବଂ ପୁନଃ ଥଇଥାନ ନୀତିନିୟମକୁ କାର୍ଯ୍ୟକାରୀ କରେଇବା ଇତ୍ୟାଦୀ।<br>• ରାସ୍ତା ନିର୍ମାଣ ନିମିତ୍ତ ଯେତେସମ୍ଭବ କମ୍ ଜମି-ଅଧିଗ୍ରହଣ କରିବା। | • ପ୍ରକଳ୍ପର ସଫଳତା ପାଇଁ ଏକ ଉନ୍ନତ ମାନର ଯୋଗାଯାଗ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି। |
| ରାଜ୍ୟ ରାଜପଥ - ୫୩ କି.ମି. ୪୨-୪୫ | ଆନନ୍ଦ ପୁର କେଉଁଝର ଓଡିଶା । | • ପ୍ରାୟ ୫୦୦ ଟିରୁ ଉର୍ଦ୍ଧ ଅର୍ଦ୍ଧ ପକ୍କା, ଗୃହ ଆନନ୍ଦପୁର ସହରରେ ଅଛି।<br>• ସହରରେ ଅବସ୍ଥିତ ବ୍ୟବସାୟିକ ଗୃହ ଗୁଡିକ ୫୦୦ ମିଟର ପର୍ଯ୍ୟନ୍ତ ଅଛି ଯେଉଁ ଠାରେ କି ରାସ୍ତାର | • ପ୍ରସ୍ତାବିତ ପାର୍ଶ୍ୱପଥ ପାଇଁ ୫୦୦ ମିଟର ଲମ୍ବର ବର୍ତ୍ତମାନ ଅବସ୍ଥିତ ନଦୀବନ୍ଧ ଦେଇ ପାର୍ଶ୍ୱପଥ କୁ ଚୟନ କରାଯାଇଛି ପ୍ରକଳ୍ପଜନିତ କୃଷି ପ୍ରଭାବିତ ଲୋକମାନଙ୍କୁ ପୁନଃ ଥଇଥାନ କରାଯିବା। | |

| | | | | |
|---|---|---|---|---|
| | | ଓସାର ମାତ୍ର ୮ ମିଟର ଅଟେ।<br>• ଏହି ଗୃହ ଗୁଡିକ ରାସ୍ତାର ଅତି ପାଖରେ ହୋଇଥିବାରୁ ସ୍ଥାନାନ୍ତର ହେବା ଜରୁରୀ।<br>• ବ୍ୟବସାୟିକ ଗୃହ ଗୁଡିକ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବେ। | | |
| ରାଜ୍ୟ ରାଜପଥ - ୫୩ କି.ମି. ୩୮-୩୬ ଭଦ୍ରକ-ଆନନ୍ଦପୁର କରଞ୍ଜିଆ - ଯଶିପୁର | ଠାକୁରମୁଣ୍ଡା ମୟୁରଭଞ୍ଜ | • ୧୦୦ଟିରୁ ଉର୍ଦ୍ଧ ଅର୍ଦ୍ଧ ପକ୍କା, ଗୃହ ଅଛି।<br>• ଏହି ଗୃହ ଗୁଡିକ ରାସ୍ତାର ଅତି ପାଖରେ ହୋଇଥିବାରୁ ସ୍ଥାନାନ୍ତର ହେବା ଜରୁରୀ।<br>• ବ୍ୟବସାୟିକ ଗୃହ ଗୁଡିକ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବେ।<br>• ପ୍ରକଳ୍ପ ନିର୍ମାଣ ନେଇ ସ୍ଥାନାନ୍ତର ଲୋକମାନଙ୍କର ଜୀବିକା ନଷ୍ଟ କରିବ।<br>• ଗୋଟିଏ ବିରାଟ ହନୁମାନଙ୍କ ମୂର୍ତ୍ତୀ ରାସ୍ତା ପାଖକୁ ଲାଗିକରି ରହିଛି। | • ଅତି କମ୍ ଜ୍ୟାମିତିକ ପରିବର୍ତ୍ତନରେ ଆବଶ୍ୟକ ହନୁମାନ ମନ୍ଦିରଟିକୁ ରକ୍ଷା କରିବା ଉଚିତ୍।<br>• ପ୍ରକଳ୍ପର ସମ୍ବେଦନ ଶୀଳତାକୁ ଲକ୍ଷକରି ସ୍ଥାନାନ୍ତର ପୁର୍ବରୁ ପ୍ରଭାବିତ ଭାଗୀଦାରୀକୁ ଏବଂ ଅନ୍ୟ ଭାଗୀଦାରୀ ମାନଙ୍କୁ ଅଧ୍ୟୟନ କରିବା ଆବଶ୍ୟକ।<br>• ବିରୋଧାତ୍ମକ ପ୍ରଭାବକୁ ପ୍ରଶମିତ କରିବା ନିମିତ୍ତ ଆଦିବାସୀ ମାନଙ୍କ ଉନ୍ନତି ପାଇଁ ଯୋଜନା ପ୍ରଣୟନ କରିବା।<br>• ଜନସମୁହଙ୍କର ସଂପତ୍ତି ବୃଦ୍ଧିପାଇଁ ଏକ ଦକ୍ଷ ସର୍ବ ସାଧାରଣ ସଂପତ୍ତି ତତ୍ୱାବଧାନ ଯୋଜନା ପ୍ରସ୍ତୁତ କରିବା ଦରକାର।<br>• ବିରୋଧାତ୍ମକ ପ୍ରଭାବକୁ ପ୍ରଶମିତ କରିବାପାଇଁ ମୁଖ୍ୟ ଥଇଥାନ ଏବଂ ପୁନଃ ଥଇଥାନର ଆବଶ୍ୟକ୍ୟତା ଅଛି।<br>• ରାସ୍ତା ନିର୍ମାଣ ନିମିତ୍ତ ଯେତେସମ୍ଭବ କମ କରି ଜମି ଅଧିଗ୍ରହଣ କରିବା ଉଚିତ୍।<br>• ଦୁର୍ଘଟଣା ରୋକିବା ପାଇଁ ଜ୍ୟାମିତିକ ଡିଜାଇନର ଉନ୍ନତି କରଣ ନିତାନ୍ତ ଜରୁରୀ ଅଟେ। | • ଅନ୍ୟ ଏକ ବିକଳ୍ପ ପୁନଃ ଥଇଥାନ ସ୍ଥାନ ନିରୂପଣର ଆବଶ୍ୟକତା ରହିଅଛି। |

ସାରଣୀ –୯ ପ୍ରକଳ୍ପ ପ୍ରଭାବିତ ସ୍ଥିରୀକରଣ ପାଇଁ ପ୍ରସ୍ତାବିତ ଉପଶମ ଉପାୟ ଚିହ୍ନଟ ଏବଂ ଗୁଣସୁଚକ ମାନ

(ଆସ୍କା-ଭଞ୍ଜନଗର ଖଣ୍ଡ) ରାଜ୍ୟ ରାଜପଥ-୭

| ଖଣ୍ଡ/ଭାଗ | ସ୍ଥାନ | ପ୍ରକୃତି ଏବଂ ସମାସ୍ୟାର ମାତ୍ରା | ଉପଶମ ଉପାୟ | ମନ୍ତବ୍ୟ |
|---|---|---|---|---|
| ରାଜ୍ୟ ରାଜପଥ - ୭ କି.ମି. ୪୯ /୦୦ ଆସ୍କା-ଭଞ୍ଜନଗର | ଆଗଟୋଲି | • ୨ କି.ମି. କ୍ରମାଗତ ନିର୍ମାଣ ଅଞ୍ଚଳ ଅଛି ।<br>• ଅର୍ଦ୍ଧ ପକ୍କା ଗୃହ ଗୁଡିକ ରାସ୍ତାର ଅତିନିକଟରେ ଅବସ୍ଥିତ<br>• ରାସ୍ତାର ଓସାର ୪-୬ ମିଟର ଭିତରେ ଅଛି ।<br>• ପ୍ରାୟ ୧୫୦ଟି ଗୃହ କ୍ଷତିଗ୍ରସ୍ତ ହେବ । | • ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଜମି-ଅଧିଗ୍ରହଣକୁ କମେଇ ଥଇଥାନକୁ କମ କରିବା ।<br>• ରାସ୍ତା ନିରାପତ୍ତା ଜନିତ ଉପାୟ ଆବଶ୍ୟକ ।<br>• ରାସ୍ତା ନିର୍ମାଣ ସମୟରେ ରାସ୍ତା ପାର୍ଶ୍ୱସ୍ଥ ବ୍ୟବସାୟ ଗୃହଗୁଡିକ ପ୍ରତି ଯତ୍ନବାନ ହେବା । | |
| ରାଜ୍ୟ ରାଜପଥ - ୭ କି.ମି. ୬୨/୦୦-୬୪/୦୦ଆସ୍କା-ଭଞ୍ଜନଗର | ଗୋବରା | • ପ୍ରାୟ ୧୫୦ଟି ଗୃହ ଏବଂ ୧୧ ଗୋଟି ସର୍ବସାଧାରଣ ସଂପତ୍ତି ନଷ୍ଟ ହେବ ।<br>• ଅଧିକାଶଂ ବ୍ୟବସାୟିକ ଗୃହ ।<br>• ବହୁ ସଂଖ୍ୟାରେ ଛୋଟ ଦୋକାନମାନ । | • ବିରୋଧାତ୍ମକ ପ୍ରଭାବକୁ ପ୍ରଶମିତ କରିବା ପାଇଁ ମୁଖ୍ୟ ଥଇଥାନ ଆବଶ୍ୟକ ଦରକାର ।<br>• ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଜମି ଅଧିଗ୍ରହଣ କରିବା । | |
| ରାଜ୍ୟ ରାଜପଥ - ୭ କି.ମି. ୬୨/୦୦-୬୪/୦୦ଆସ୍କା-ଭଞ୍ଜନଗର | ଗୁଥପଡା | • ପ୍ରାୟ ୨୦୦ଟି ଗୃହ (ରାଇଟ ଅଫ ୱେ) ରାସ୍ତାଧିକାର ଭିତରେ ଅବସ୍ଥିତ ।<br>• ସେଥିମଧରୁ ଅଧିକାଶଂ ବାସଗୃହ ଏବଂ ବ୍ୟବସାୟିକ ଗୃହ ।<br>• ପକ୍କା ଏବଂ ଅର୍ଦ୍ଧପକ୍କା ଗୃହ ଅବସ୍ଥିତ ।<br>• ବାସଗୃହ ଏବଂ ବ୍ୟବସାୟିକ ସଂପତ୍ତି ।<br>• ପ୍ରକଳ୍ପ ଜନିତ ସ୍ଥାନାନ୍ତର ଲୋକମାନଙ୍କର ଜୀବିକା ଏବଂ ବାସ ଗୃହ କୁ ନଷ୍ଟ କରିବ । | • ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଜମି ଅଧିଗ୍ରହଣକୁ ଯେତେ ସମ୍ଭବ କମେଇବା ଉଚିତ୍ ।<br>• ଥଇଥାନ ଏବଂ ପୁନଃ ଥଇଥାନର ବ୍ୟବସ୍ଥା କରିବା ଦରକାର । | |
| ରାଜ୍ୟ ରାଜପଥ - ୭ କି.ମି. ୭୧/୦୦- | କବିଁଆଡି/କନ୍ଧାପଲ୍ଲୀ | • ଅଧିକାଂଶ ଛୋଟ ଛୋଟ ବେପାରୀ ଜୀବୀକା ହରାଇବାକୁ ଯିବେ । | • ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଜମି ଅଧିଗ୍ରହଣକୁ କମେଇ ପୁନଃ ଥଇଥାନକୁ | |

| | | | | |
|---|---|---|---|---|
| ୭୨/୦୦ ଆସ୍କା-ଭଞ୍ଜନଗର | | • ବହୁ ଅର୍ଦ୍ଧସ୍ଥାୟୀ ଏବଂ ସ୍ଥାୟୀ ଗୃହ ଅଛି | କମ କରିବା ଦରକାର।<br>• ବ୍ୟବସାୟ କରୁଥିବା ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ଥଇଥାନ ଏବଂ ପୁନଃ ବସତି ନିମିତ୍ତ ପ୍ରଶିକ୍ଷଣ ଦେବା ଦରକାର | |
| ରାଜ୍ୟ ରାଜପଥ - ୭ କି.ମି. ୭୫/୦୦- ୭୭/୦୦ ଆସ୍କା-ଭଞ୍ଜନଗର | କେଶରୀପଡା | • ୨୦୦ ରୁ ଉର୍ଦ୍ଧ ଗୃହ ଏବଂ ୨ ଗୋଟି ସମୂହ ସର୍ବସଧାରଣ ସଂପତ୍ତି ନଷ୍ଟ ହେବ।<br>• ଅଧିକାଂଶ ବ୍ୟବସାୟିକ ଗୃହ<br>• ବହୁ ସଂଖ୍ୟାରେ ଛୋଟ ଦୋକାନ ମାନ ଅଛି। | • ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଜମି ଅଧିଗ୍ରହଣକୁ କମେଇ ପୁନଃ ଥଇଥାନକୁ କମ କରିବା ପ୍ରଚେଷ୍ଟା ହେବା ଦରକାର।<br>• ପ୍ରକଳ୍ପ ଦ୍ଵାରା ଜୀବୀକା ହରାଇଥିବା ଲୋକମାନଙ୍କ ପାଇଁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବା। | |
| ରାଜ୍ୟ ରାଜପଥ - ୭ କି.ମି. ୮୪/୦୦- ୮୬/୦୦ ଆସ୍କା-ଭଞ୍ଜନଗର | ସୁମତା ପାଲି/ ସଡଙ୍ଗିପାଲି | • ପ୍ରାୟ ୧୫୦ ରୁ ଗୃହ ଏବଂ ୧୧ ଗୋଟି ସର୍ବସଧାରଣ ସମୂହ ସଂପତ୍ତି ନଷ୍ଟ ହେବ।<br>• ଅଧିକାଂଶ ବ୍ୟବସାୟିକ ଗୃହ ଅଟେ<br>• ବହୁ ସଂଖ୍ୟାରେ ଛୋଟ ଦୋକାନ ମାନ ଅଛି। | • ରାସ୍ତା ନିର୍ମାଣ ନିମିତ୍ତ ଆବଶ୍ୟକ ଜମି ଅଧିଗ୍ରହଣକୁ କମେଇ ପୁନଃ ଥଇଥାନକୁ କମ କରିବା।<br>• ରାସ୍ତା ପାର୍ଶ୍ଵସ୍ଥ ବ୍ୟବସାୟ ଅନୁଷ୍ଠାନ ଗୁଡିକ ପାଇଁ ସ୍ଵତନ୍ତ୍ର ଥଇଥାନ ପୁନଃର୍ବାସ ବ୍ୟବସ୍ଥା କରାଯିବା ଦରକାର | (ଏଚ୍.ଆ.ଭି. ଏବଂ ଏଡସ୍ ) ପାଇଁ ଏହି ଅଞ୍ଚଳ ଏକ ସମ୍ବେଦନଶୀଳ ଅଞ୍ଚଳ ଭାବେ ବିବେଚନା କରାଯାଏ। ଏଣୁ ଏହି ଅଞ୍ଚଳ ସାମାଜିକ ଦୃଷ୍ଟିକୋଣରୁ ସମସ୍ୟା ଜନିତ ଅଟେ। |

**ଜମିର ଆବଶ୍ୟକତା**

**ଓଡିଶା ରାଜ୍ୟ ନିର୍ମାଣ ବିଭାଗ ପ୍ରସ୍ତାବିତ ସଡକ ପ୍ରକଳ୍ପ ସକାଶେ ସର୍ବନିମ୍ନ ଭୂ-ଅର୍ଜନ ପାଇଁ ଯୋଜନା କରଛନ୍ତି। ରାଇଟ୍ ଅଫ ଉଏ (ରାସ୍ତାଧିକାର) ପ୍ରଥମ ପର୍ଯ୍ୟାୟରେ ଥିବା ବିବରଣୀରେ ବହୁସ୍ଥାନରେ ଦ୍ଵପାଶ୍ଵୀୟ ରାସ୍ତାରେ ସର୍ବନିମ୍ନ ଭୁ-ଅର୍ଜନ ପାଇଁ ସୁପାରିଶ କରିଛନ୍ତି। କିନ୍ତୁ ରସ୍ତାର ପ୍ରଶସ୍ତିକରଣ ତଥା ଏହାର ଜ୍ୟାମିତିକ ତଥା ଛକ ଉନ୍ନତି କରଣରେ ଏବଂ ରିଲାଇନମେଣ୍ଟରେ ଉନ୍ନତ୍ତିକରଣରେ ଏବଂ ବାଇପାଶ (ପାର୍ଶ୍ଵରାସ୍ତା ) ସକାଶେ କିଛି ଅଧିକ ଜାଗା ବିଶ୍ଳେଷଣ କରି ଜନଗହଳି ଉଚିତ ଅଞ୍ଚଳରେ ଭୁ-ଅର୍ଜନ କରିବା ଆବଶ୍ୟକ ଅଟେ।**

**ଛକି ରାସ୍ତାଗୁଡିକ ଅତି ସ୍ପର୍ଶକାତର ଇଲାକା ହୋଇଥିବାରୁ କ୍ଷିପ୍ର ଏବଂ ମୁକ୍ତ ଯାତାୟତ ପାଇଁ ବିଶେଷ ସାବଧାନର ଆବଶ୍ୟକତା ରହିଛି । ଅଧିକ ଭୂ-ଅର୍ଜନ ଅନିବାର୍ଯ୍ୟ ଅଟେ।**

**ଜନଗହଳି ଇଲାକାରେ ରାସ୍ତା ପାର୍ଶ୍ଵରେ ବିରାଟ ଅଟ୍ଟାଳିକା ନିର୍ମାଣ ନିମିତ୍ତ ଅନୁମତି ପ୍ରଦାନ  ନକରିବା ପାଇଁ ପ୍ରଚେଷ୍ଟା ହେବା ଉଚିତ। ପ୍ରସ୍ତାବିତ ପ୍ରକଳ୍ପର ପଥପ୍ରାନ୍ତରେ ଯାତାୟତ ଯାନବାହନ ଏବଂ ଯାତ୍ରୀ ମାନଙ୍କ ମନୋରଞ୍ଜନ ସକାଶେ ସ୍ଥାପିତ ଅନୁଷ୍ଠାନ ମାନଙ୍କଦ୍ଵାରା ସେବାପ୍ରଦାନ କରିବା ଏହି ପ୍ରକଳ୍ପର ଅନ୍ୟତମ ଲକ୍ଷ ଅଟେ। ଏହା ଦ୍ଵାରା ଯାନବାହାନ ଚଳାଚଳରେ ପାରଦର୍ଶୀତା ଉପଲବ୍ଧ ହେବା ସଂଗେ ସଂଗେ ଏହି ପ୍ରକଳ୍ପ ଦ୍ଵାରା ପ୍ରଭାବିତ ବହୁ ବ୍ୟକ୍ତି ମାନେ ବିଶେଷ ଭାବରେ ଉପକୃତ ହେବା ସହିତ ବିଭିନ୍ନ ସ୍ଥାନମାନଙ୍କରେ ବିଶ୍ଵବ୍ୟାଙ୍କ ସାମାଜିକ ବିଶେଷ  ଙ୍କ ଦ୍ଵାରା ମନୋରଞ୍ଜନ ପାଇଁ ଅନୁଷ୍ଠାନ ସ୍ଥାପନ ବ୍ୟବସ୍ଥା କରାଯାଉଛି।**

ପ୍ରସ୍ତାବିତ ସଡକ ଗୁଡିକୁ ମାନ ଏକ ସମନ୍ଵିତ ମୁଲ୍ୟାଙ୍କନ ଦ୍ଵାରା ଧାର୍ଯ୍ୟ କରାଯିବ।

ଭୁ-ଅର୍ଜନ ଜନଗହଳୀ ରାସ୍ତାର ଅବସ୍ଥା ଏବଂ ସାମାଜିକ ତଥା ଅର୍ଥନୈତିକ ମାନଦଣ୍ଡଗୁଡିକୁ ଦୃଷ୍ଟିରେ ରଖି ଏକ ମୁଲ୍ୟାଙ୍କନ ପ୍ରଣାଳୀ ସ୍ଥିର ହେଇଛି।

ଏତତବ୍ୟତୀତ ପରିବେଶ ର ସମସ୍ତ ବିଷୟକୁ ଅନୁଧାନ ତଥା କଳନା କଲାପରେ  ପ୍ରସ୍ତାବିତ ରାସ୍ତା ଗୁଡିକର ମାନଦଣ୍ଡ ମଧ ଧାର୍ଯ୍ୟ କରାଯାଇ ଅଛି ।

ସାମାଜିକ ତଥା ପାରିପାର୍ଶ୍ୱିକ ଅବସ୍ଥାକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତରେ ରାସ୍ତାର ମାନଦଣ୍ଡ ନିରୂପଣ

ଟେବୁଲ-୧୧
ସାରଣୀ-୧୧

ଅଗ୍ରାଧିକାର ଭିତରେ ରାସ୍ତାର ଚୟନ
ଅର୍ଥନୈତିକ ଉପଯୋଗୀତା ଦୃଷ୍ଟିରୁ ସମସ୍ତ ୨୭ ଭାଗରେ ରାସ୍ତାଗୁଡିକ  ଗୋଟିଏ ପ୍ରକାରର ବୋଲି  ଜଣାପଡିଛି । ଏଣୁ ଏହି ସତେଇଶି ବିଭାଗକୁ ୫ଟି ପ୍ରଧାନ କରିଡର ଭାବେ ରୂପାନ୍ତରିତ କରାଯାଇଅଛି । ଏଣୁ ଏହି ସମସ୍ତ ୫ଟି କରିଡର କୁ ପରିବେଶୀୟ ତଥା ଅର୍ଥନୈତିକ ମାନଦଣ୍ଡନୁସାରେ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଏମାନଙ୍କ ମଧରେ ସମନ୍ୱୟ ସ୍ଥାପନ ସକାଶେ ଆହୁରି ସାତୋଟି କରିଡରକୁ ସାମିଲ କରା ଯାଇଅଛି । ଏଗୁଡିକର ମୂଲ୍ୟାଙ୍କନ ସାମାଜିକ ମାନ ଦଣ୍ଡ ହିସାବରେ ନିର୍ଣ୍ଣୟ କରାଯାଇଅଛି ।

ଏହି ପ୍ରକଳ୍ପର ପରାମର୍ଶ ଦାତା (କନସଲଟାଣ୍ଟ) ଙ୍କ ବୈଷୟିକ ଦଳଙ୍କ ଦ୍ୱାରା ମାନଦଣ୍ଡ ଧାର୍ଯ୍ୟ ହୋଇଛି । ତାକୁହିଁ ପାଥେୟ କରି କେଉଁ ରାସ୍ତାଟିକୁ ଅଗ୍ରାଧିକାର ଦିଆଯିବ ତାହାର ବ୍ୟବସ୍ଥା ହେଇଛି । ନିର୍ମାଣ  ଅଗ୍ରାଧିକାର ସମୟରେ ବୈଷୟିକ ଦୃଷ୍ଟିକୋଣରୁ ସାମାଜିକ ଅବସ୍ଥାକୁ ପ୍ରାଧାନ୍ୟ ଦିଆଯାଇ ଇଂଜିନିୟରଙ୍ଗ୍ ରିପୋର୍ଟରେ ସଡକର ସାମାଜିକ ଦିଗ ସକାଶେ ୧୫ ମାର୍କ ନମ୍ବର ଦିଆଯାଇ ଅଛି ।

ଟେବୁଲ-୧୨

ଏହି ପ୍ରକଳ୍ପ ଜନୀତ ଉପୁଯିଥିବା ଅନ୍ୟାନ୍ୟ ସାମାଜିକ ସମସ୍ୟା ବିଭିନ୍ନ ମାରାତ୍ମକ ରୋଗ ପ୍ରସ୍ତାବିତ ସଡକ ଦ୍ୱାରା ପ୍ରସାରିତ ଯଥା ଏଚଆଇଭି ଏବଂ ଏଡ୍ସର ଭୟକୁ ରୋକିବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇ ଅଛି ।

ସାମାଜିକ ପରୀକ୍ଷଣ ରିପୋର୍ଟ ଅନୁସାରେ ପ୍ରାୟ ୮୨୫ କି:ମି ଦୀର୍ଘ ରାସ୍ତାର ପ୍ରଶସ୍ତିକରଣ ତଥା ଦୃଢିକରଣ  ପାଇଁ ଏକ ବୃହତ୍ ସାମାଜିକ ଅଧୟନ କରାଯାଇ ସାରିଛି  । ଏହି ଅଧୟନ ରେ ଜନସାଧାରଣଙ୍କ ଭାଗିଦାରୀ ଭୂ-ଅର୍ଜନ ତଥା ରାସ୍ତା ନିର୍ମାଣ ଜନୀତ  ପ୍ରଭାବରେ ସମ୍ପଳର କ୍ଷତି ,ଜୀବିକାରେ ବିଘ୍ନ ତଥା ସମାଜର ଦୁର୍ବଳ ଶ୍ରେଣୀର ଜନସାଧାରଣ ଯଥା ଆଦିବାସୀ ଏବଂ ହରୀଜନମାନଙ୍କ ଅବସ୍ଥା ବିଶେଷ ରୂପେ ଅନୁଧାନ କରାଯାଇ ଅଛି  ।

ଏହି  ସନ୍ଦର୍ଭରେ ଉପନୀତ ଆଠ ଗୋଟି ସିଦ୍ଧାନ୍ତ ନିମ୍ନରେ ଦର୍ଜ ହେଲା

୧. ଏହି ପ୍ରକଳ୍ପକୁ ଜନସାଧାରଣ ବିଶେଷ ରୂପେ ସ୍ୱାଗତ କରିଛନ୍ତି
୨. ଫୋକସ ଗ୍ରୁପ ସଭାରେ (କେନ୍ଦ୍ରୀୟ ଭାବେ ସମୁହ ଆଲୋଚନ ସଭାରେ) ପ୍ରକଳ୍ପ ରାସ୍ତା ପ୍ରନ୍ତରେ ଗୋଷ୍ଠି ଉନ୍ନୟନ କାର୍ଯ୍ୟ ଗ୍ରହଣ କରାଯାଉ ବୋଲି ସମସ୍ତେ ମତ ଦେଇଛନ୍ତି ।
୩. ଅଧିକ ୧୮୧ ହେକ୍ଟର ଜମି ଭୁ-ଅର୍ଜନ ସକାଶେ ଆବଶ୍ୟକ ଅଟେ, ଏଥି ପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରଥମ ବର୍ଷରେ କେଉଁ  ରାସ୍ତାଟି ହେବ ଏବଂ ଯେଉଁଥିରେ କି ଭୁ-ଅର୍ଜନ ସର୍ବନିମ୍ନ ହେବ ତାହାକୁ ପ୍ରଥମ ବର୍ଷର ରାସ୍ତା ରୂପେ ଅଭିହିତ କରାଯାଇ ଅଛି ଏବଂ ଯେଉଁଠି ବାଇପାସ୍ କିମ୍ବା ବିକଳ୍ପ ରାସ୍ତାର ଆବଶ୍ୟକତା ରହିଅଛି,  ସେହି ରାସ୍ତା ଗୁଡିକୁ ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ବର୍ଷରେ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଛି ।
୪. ସାମାଜିକ ପ୍ରଭାବିତ ଅନୁଧାନ ତଥ୍ୟରୁ ଜଣାପଡେ ଯେ, ପ୍ରାୟ ସମସ୍ତ ରାସ୍ତାରେ ଏକ ପ୍ରକାରର ସମାଜିକ  ଅର୍ଥନୈତିକ ଚିତ୍ର ପ୍ରତିଫଳିତ ହେବାର ଜଣାପଡିଛି । ଅବଶ୍ୟ ଅଳ୍ପ କେତେକ ଯାଗାରେ ବିଶେଷ କରି ଦୁର୍ବଳ ଶ୍ରେଣୀରେ ଅନ୍ତର୍ଭୁକ୍ତ ଜନବସତିରେ କିଛି ଫରକ ଜଣାପଡିଛି ।
୫. ପ୍ରକଳ୍ପ ରାସ୍ତାରେ ପ୍ରାୟ ଦଶହଜାର ଗୃହ ଚିହ୍ନଟ କରାଯାଇଅଛି  । ବୈଷୟିକ (ଇଂଜିନିୟରିଙ୍ଗ) ରିପୋର୍ଟ ଅନୁସାରେ ଏହି ପ୍ରକଳ୍ପ ଦ୍ୱାରା ସର୍ବନିମ୍ନ ବିସ୍ଥାପିତ ହେବା ଦରକାର କାରଣ ପୁନର୍ବାସ ମଧ ସର୍ବ ନିମ୍ନ ହେବା ଦରକାର ।
୬. ଜନଗହଳୀ ରାସ୍ତାରେ ପ୍ରସ୍ତାବିତ ରିଆଲାଏନ୍‌ମେଣ୍ଟ (ପୂନଃ ରାସ୍ତାଚୟନ ) ରେ ଜ୍ୟାମିତିକ ଅଭିବୃଦ୍ଧି ପାଇଁ ପରାମର୍ଶ ଦିଆଯାଇ ଅଛି ।
୭. ରାସ୍ତାର ଉନ୍ନତି ହେବ ସଙ୍ଗେ ସଙ୍ଗେ ଦେହଜୀବୀ  ଏବଂ ଟ୍ରକ ଚାଳକ ମାନଙ୍କ ଦ୍ୱାରା ଏଚ.ଆଇ.ଭି. ଏବଂ ଏଡ୍ସ ଇତ୍ୟାଦୀ ମାରତ୍ମକ ରୋଗ ବ୍ୟାପୀ ବାର ସମ୍ଭାବନା ରହିଥିବା ଯୋଗୁଁ ଏହାକୁ ପ୍ରତିହିତ କରିବା ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଅଛି ।

୮. ବିସ୍ଥାପିତ ମାନଙ୍କ ମଧ୍ୟରେ ଆଦିବାସୀ ଜନସାଧାରଣ ବିଶେଷ ଭାବେ ପ୍ରଭାବିତ ହେବାର ସମ୍ଭାବନା ଦୃଷ୍ଟିରୁ ସେମାନଙ୍କ ଥଇଥାନ ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ ହେବ ଦରକାର ଏବଂ ଏହି ଯୋଜନା ଟି ଗୋଷ୍ଠି ଉନ୍ନୟନ ଯୋଜନା ସହିତ ମିଳିତ ଭାବେ କାର୍ଯ୍ୟକାରୀ ହେବା ଉଚିତ୍ ।

ସାରଣୀ-୧୨

ସାମାଜିକ ତଥା ପାରିପାର୍ଶ୍ୱିକ ଅବସ୍ଥା ଦୃଷ୍ଟିରୁ ଅଗ୍ରାଧିକାର ଭିତିରେ ରାସ୍ତା ନିର୍ମାଣ

| **ରାସ୍ତା ବିଭାଗ (ସେକ୍ସନ)** | **ଜମି ଅଧିଗ୍ରହଣ ୪୦** | **ସାମାଜିକ ପ୍ରଭାବ ସଙ୍କେତ ୧୫** | **ସମୁଦାୟ ପ୍ରଭାବିତ ଗୃହ ୨୦** | **ସାମାଜିକ ସ୍ୱର୍ଷକାତରତା ଏବଂ ସାମାଜିକ ସମସ୍ୟା ୫** | **ପରିବେଶ ମାନଦଣ୍ଡ ସମୂହ ୨୦** | **ସର୍ବମୋଟ ମୂଲ୍ୟାଙ୍କନ** |
|---|---|---|---|---|---|---|
| ବ୍ରହ୍ମପୁର-ଜେ.କେ.ପୁର | ୧.୨୦ | ୧.୦୨ | ୧.୯୭ | ୦.୫ | ୩ | ୭.୬୯ |
| କେରେଡା, ଜେ.କେ. ପୁର ଭବାନୀପାଟଣା | ୫.୫୮ | ୩.୮୮ | ୧.୫୪ | ୧ | ୫ | ୧୭ |
| ଭବାନୀ ପାଟଣା – ଖଡିଆଳ | ୪.୨୨ | ୧.୧୧ | ୦.୯୨ | ୦.୫ | ୧ | ୭.୭୫ |
| ଜଗତପୁର ଚାନ୍ଦବାଲୀ –ଭଦ୍ରକ | ୯.୫୭ | ୩.୨୭ | ୭.୨୬ | ୧.୫ | ୨ | ୨୩.୬୦ |
| ଭଦ୍ରକ- ଯଶିପୁର | ୨.୩୦ | ୧.୯୨ | ୧.୭୦ | ୦.୫ | ୩ | ୯.୪୨ |
| ଆସିକା –ଭଞ୍ଜନଗର | ୦.୮୧ | ୨.୬୨ | ୫.୦୫ | ୦.୫ | ୨ | ୧୦.୯୮ |
| ଦଶପଲ୍ଲା –ବଁରପାଳ | ୧୬.୭୯ | ୧.୧୪ | ୧.୫୧ | ୦.୫ | ୪ | ୨୩.୯୪ |

ଏହି ପ୍ରକଳ୍ପର ସଫଳତା ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଦ୍ୱାରା ହିଁ ସମ୍ଭବ ଅଟେ । ଏହା ଦ୍ୱାରା ରାଜ୍ୟର ସାମାଜିକ ତଥା ଆର୍ଥିକ ପ୍ରଗତି ସମ୍ଭବ ପର ହେବ ।